୬ ▶ ୫ ୱିକେଟରେ ବାଜି ମାରିନେଲା ହାଇଦ୍ରାବାଦ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
ସମ୍ବାଦ କଳିକା TM
E-mail : sambadkalikanews@gmail.com
The Sambad Kalika
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ–୩୨ ● ସଂଖ୍ୟା–୮୮ ● ୨୬ ଅପ୍ରେଲ ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 ● Issue-88 ● 26th April 2025, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ପାକିସ୍ତାନୀଙ୍କୁ ଖୋଜି ଖୋଜି ବିଦା କର

# ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଲେ କେନ୍ଦ୍ର ଗୃହମନ୍ତ୍ରୀ

**ନୂଆଦିଲ୍ଲୀ, ୨୫।୪**

ଭାରତ-ପାକିସ୍ତାନ ଯୁଦ୍ଧ ଆଶଙ୍କା ଭିତରେ କଠୋର ହୋଇଛନ୍ତି କେନ୍ଦ୍ର ସରକାର । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏ ଦିଗରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରିଛନ୍ତି ଗୃହମନ୍ତ୍ରୀ । ଏହି କ୍ରମରେ ମୁଖ୍ୟମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କି, ନିଜ ନିଜ ରାଜ୍ୟରେ ରହୁଥିବା ପାକିସ୍ତାନୀମାନଙ୍କ ଭିସା ରଦ୍ଦ କରି ସେମାନଙ୍କୁ ତୁରନ୍ତ ରାଜ୍ୟରୁ ବାହାର କରନ୍ତୁ। ସବୁଠାରୁ ବଡ଼ କଥା ହେଉଛି ଗୃହମନ୍ତ୍ରୀ କହିଛନ୍ତି, ପାକିସ୍ତାନ ନାଗରିକ ଯେକୌଣସି ପ୍ରକାର ଭିସା ନେଇ ଭାରତ ଆସିଥିଲେ ବି ତୁରନ୍ତ ଭିସା ରଦ୍ଦ କରି ସେମାନଙ୍କୁ ଭାରତର ବିଦା କରାଯିବ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଥିଲା ସୁରକ୍ଷା ସମ୍ବନ୍ଧିତ କ୍ୟାବିନେଟ କମିଟି ବୈଠକ। ଏହି ବୈଠକରେ ପାକିସ୍ତାନକୁ ଉଚିତ ଜବାବ ଦେବାକୁ ନିଷ୍ପତ୍ତି ହୋଇଥିଲା । ଭାରତ ଓ ପାକିସ୍ତାନ ମଧ୍ୟରେ ୧୯୬୦ ମସିହାରୁ ସିନ୍ଧୁ ଜଳ ଚୁକ୍ତି ବଳବତ୍ତର ଅଛି । ସିନ୍ଧୁ ନଦୀକୁ ପାକିସ୍ତାନର ଜୀବନରେଖା ବୋଲି ବିବେଚନା କରାଯାଏ । ୨୧ କୋଟିରୁ ଅଧିକ ଜନସଂଖ୍ୟା ସେମାନଙ୍କର ଜଳ ଆବଶ୍ୟକତା ପୂରଣ କରିବା ପାଇଁ ସିନ୍ଧୁ ଏବଂ ଏହାର ଚାରୋଟି ଶାଖା ନଦୀ ଉପରେ ନିର୍ଭର କରନ୍ତି ।

ଏହା ବ୍ୟତୀତ ଅଟାରୀ ସୀମାକୁ ବନ୍ଦ କରିବା ପାଇଁ ମଧ ନିଷ୍ପତ୍ତି ନିଆଯାଇଛି । ଭାରତ ଆସିଥିବା ପାକିସ୍ତାନୀ ନାଗରିକମାନଙ୍କୁ ଏହି ରାସ୍ତା ଦେଇ ଫେରିବା ପାଇଁ ମେ ୧ ପର୍ଯ୍ୟନ୍ତ ସମୟ ଦିଆଯାଇଛି। ଭାରତରେ ଥିବା ପାକିସ୍ତାନୀ ହାଇକମିଶନରେ ନିଯୁକ୍ତ ପାକିସ୍ତାନୀ ପ୍ରତିରକ୍ଷା ପରାମର୍ଶଦାତାମାନଙ୍କୁ ଦେଶ ଛାଡିବା ପାଇଁ ଗୋଟିଏ ସପ୍ତାହ ସମୟ ଦିଆଯାଇଥିଲା। ଏହା ସହିତ, ଉଭୟ ହାଇକମିଶନରେ ନିଯୁକ୍ତ କର୍ମଚାରୀଙ୍କ ସଂଖ୍ୟା ୫୦ ରୁ ୩୦ କୁ ହ୍ରାସ କରାଯାଇଛି।

## ସୁଭଦ୍ରା ଯୋଜନାର ସଫଳ ରୂପାୟନ ପାଇଁ

# ଗଣମାଧ୍ୟମକୁ ଧନ୍ୟବାଦ ଦେଲେ ଉପ-ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୫।୪**
**ନ୍ୟୁଜ୍ ବ୍ୟୁରୋ**

ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ଭୁବନେଶ୍ୱରରେ ଆୟୋଜିତ ଗଣମାଧ୍ୟମ ସହ କଥାବାର୍ତ୍ତା କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୁଭଦ୍ରା ଯୋଜନାର ସଫଳ ରୂପାୟନ ପାଇଁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଧନ୍ୟବାଦ ଜଣାଇବା ସହିତ ଏହି ଯୋଜନାକୁ ଆହୁରି ଉନ୍ନତ କରିବା ପାଇଁ ସେମାନଙ୍କ ଠାରୁ ସୁଚିନ୍ତିତ ମତାମତ ଗ୍ରହଣ କରିଥିଲେ। ସୁଭଦ୍ରା ଯୋଜନାରେ ଏସଓପି ତଥା ଗାଇଡ୍‌ଲାଇନକୁ ଘରେ ଘରେ ପହଞ୍ଚାଇବା ସହ ଜନ ସଚେତନତା ସୃଷ୍ଟି କରିବାରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀମତୀ ପରିଡ଼ା ମତ ପ୍ରକାଶ କରିଥିଲେ। ବିଭିନ୍ନ ଦକ୍ଷତା ତାଲିମ କାର୍ଯ୍ୟକ୍ରମ ମାଧ୍ୟମରେ ସୁଭଦ୍ରା ଯୋଜନାକୁ ଆହୁରି ସମୃଦ୍ଧ କରାଯିବ ବୋଲି ସେ ଉଲ୍ଲେଖ କରିଥିଲେ। ଗଣମାଧ୍ୟମ ପ୍ରତିନିଧିମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ




ଶ୍ରୀମତୀ ପରିଡ଼ା ସେମାନଙ୍କ ସୁଚିନ୍ତିତ ମତାମତ ଉପରେ ଆଗକୁ କାର୍ଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଖୁବ୍ କମ୍ ଦିନରେ ସୁଭଦ୍ରା ଯୋଜନାରେ ଏକ କୋଟିରୁ ଊର୍ଦ୍ଧ ହିତାଧିକାରୀଙ୍କୁ ଯୋଡ଼ିଥିବାରୁ ମହିଳା ଶିଶୁ ବିକାଶ ବିଭାଗର ଅଧିକାରୀବୃନ୍ଦଙ୍କ ସମେତ ତୃଣମୂଳ ସ୍ତରରେ କାର୍ଯ୍ୟରତ ଅଙ୍ଗନୱାଡ଼ି କର୍ମୀ ଓ ମୋ ସେବା କେନ୍ଦ୍ର, ଜନ ସେବା କେନ୍ଦ୍ର କର୍ମକର୍ତ୍ତାମାନଙ୍କୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଧନ୍ୟବାଦ ଜ୍ଞାପନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ବରିଷ୍ଠ ସାମ୍ବାଦିକ ତଥା ବିଭିନ୍ନ ପ୍ରମୁଖ ଗଣମାଧ୍ୟମ ସଂସ୍ଥାର ସମ୍ପାଦକ ଓ ସାମ୍ବାଦିକମାନେ ଯୋଗ ଦେଇଥିଲେ। ଏହା ସହ (ପୃଷ୍ଠା ୭ରେ)

## ରାଜ୍ୟରେ ଅଂଶୁଘାତରେ କୌଣସି ବ୍ୟକ୍ତିର ମୃତ୍ୟୁ ହୋଇନାହିଁ

**ଭୁବନେଶ୍ୱର, ୨୫।୪**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଅଂଶୁଘାତରେ ଏପର୍ଯ୍ୟନ୍ତ କୌଣସି ବ୍ୟକ୍ତିର ମୃତ୍ୟୁ ହୋଇନାହିଁ ବୋଲି ପୁଣି ଥରେ ସ୍ପଷ୍ଟ କରିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି ବନ୍ୟା ଦିଶେ ବନ୍ୟା ଗତି ଶୁଭେ, ବାତ୍ୟା ଦେଖିପାରୁ। କିନ୍ତୁ ଗ୍ରୀଷ୍ମ ପ୍ରବାହ ଦେଖାଯାଏ ନାହିଁ। ଏହା ବହୁତ ମାରାତ୍ମକ। ଏଥିରେ ବ୍ୟକ୍ତିଗତ କ୍ଷତି ହୁଏ। ଏହାକୁ ଗୁରୁତର ଭାବେ ନେଇଛନ୍ତି ରାଜ୍ୟସରକାର। ଏଥିପାଇଁ ସ୍ୱତନ୍ତ୍ର ଆଡ଼ଭାଇଜରି ଜାରି କରାଯାଇଛି। ଦୈନନ୍ଦିନ ରିପୋର୍ଟ ତଲବ ମଧ କରାଯାଉଛି। ସେଥିପାଇଁ (ପୃଷ୍ଠା ୭ରେ)

## ବିସ୍ଫୋରଣରେ ୨ ଜଣ ଲସ୍କର-ଏ-ତୋଏବା ଆତଙ୍କବାଦୀଙ୍କ ଘର ଧ୍ୱଂସ

**ଶ୍ରୀନଗର, ୨୫।୪**

ପହଲଗାମ ଆତଙ୍କବାଦୀ ଆକ୍ରମଣର ମୁଖ୍ୟ ସନ୍ଦିଗ୍ଧ ସମେତ ଦୁଇ ଜଣ ଲସ୍କର-ଏ-ତୋଏବା ଆତଙ୍କବାଦୀଙ୍କ ଘରେ ଗଚ୍ଛିତ ଥିବା ବିସ୍ଫୋରକ ସାମଗ୍ରୀ ବିସ୍ଫୋରଣ ହେବା ଫଳରେ ସେମାନଙ୍କ ଘର ଜଳିପୋଡ଼ି ନଷ୍ଟ ହୋଇଯାଇଛି ବୋଲି ଅଧିକାରୀମାନେ କହିଛନ୍ତି।

ଗୁରୁବାର ଏବଂ ଶୁକ୍ରବାର ମଧ୍ୟବର୍ତ୍ତୀ ରାତିରେ ଏହି ଘଟଣା ଘଟିଥିଲା ଯେତେବେଳେ ଦକ୍ଷିଣ କଶ୍ମୀରର ବିଜବେହାରା ଏବଂ ତ୍ରାଲର ଗୁରି ଗ୍ରାମରେ ସୁରକ୍ଷା ବାହିନୀ ଦ୍ୱାରା ଆଦିଲ ହୁସେନ ଠୋକର ଏବଂ ଆସିଫ ଶେଖ୍‌ଙ୍କ ଘରେ ତଲାସ କରାଯାଉଥିଲା। ସେହି ତଲାସୀ ଅଭିଯାନ ସମୟରେ ସେମାନଙ୍କ ଘରେ ଥିବା ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ମିଳିଥିଲା। ସର୍ଚ୍ଚ ଅପରେସନ ସମୟରେ ଘର ଭିତରେ (ପୃଷ୍ଠା ୭ରେ)

# ଶପଥ ନେଲେ ନବନିଯୁକ୍ତ ରାଜ୍ୟ ମୁଖ୍ୟ ସୂଚନା କମିଶନର




**ଭୁବନେଶ୍ୱର, ୨୫।୪**
**ନ୍ୟୁଜ୍ ବ୍ୟୁରୋ**

ନବନିଯୁକ୍ତ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ଏବଂ ୩ଜଣ ରାଜ୍ୟ ସୂଚନା ଆୟୁକ୍ତ ଶପଥ ଗ୍ରହଣ କରିଛନ୍ତି। ଶୁକ୍ରବାର ରାଜଭବନର ଅଭିଷେକ ହଲ୍ ଠାରେ ଏହି ଉପଲକ୍ଷେ ଆୟୋଜିତ ଶପଥ ଗ୍ରହଣ ଉତ୍ସବରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ଭାବେ ମନୋଜ କୁମାର ପରିଡ଼ା, ରାଜ୍ୟ ସୂଚନା ଆୟୁକ୍ତଭାବେ ପ୍ରାଣବନ୍ଧୁ ଆଚାର୍ଯ୍ୟ, ପବିତ୍ର ମଣ୍ଡଳ ଏବଂ କଳ୍ପନା ପଟ୍ଟନାୟକଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ପ୍ରାରମ୍ଭରେ ରାଜ୍ୟପାଳଙ୍କ ଅନୁମତି ପ୍ରାପ୍ତ ପରେ ସୂଚନା ଓ ଲୋକ ସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ଏବଂ ରାଜ୍ୟ ସୂଚନା ଆୟୁକ୍ତଙ୍କ ନିଯୁକ୍ତି ଆଜ୍ଞାପତ୍ର ପାଠ କରିଥିଲେ। ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ କାରିଗରୀ ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ବିଧାନସଭାର ସରକାରୀ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ ମାନବିକ ଅଧିକାର ଆୟୋଗର ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାହାରୀ, ରାଜ୍ୟ ସୂଚନା ଆୟୁକ୍ତ ସୁଶାନ୍ତ କୁମାର ମହାନ୍ତି, (ପୃଷ୍ଠା ୭ରେ)

## ଇଣ୍ଡିଆ ଷ୍ଟିଲ୍ ୨୦୨୫ ରାଉଣ୍ଡ ଟେବୁଲ୍ ବୈଠକ

# ଓଡ଼ିଶାରେ ଶିଳ୍ପ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆମନ୍ତ୍ରଣ

**ଭୁବନେଶ୍ୱର, ୨୫।୪**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ଇସ୍ପାତ ଶିଳ୍ପ କ୍ଷେତ୍ରରେ ପୁଞ୍ଜି ନିବେଶ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦେଶର ବିଶିଷ୍ଟ ଶିଳ୍ପପତି ଏବଂ ନିବେଶକମାନଙ୍କୁ ଆମନ୍ତ୍ରଣ ଜଣାଇଛନ୍ତି। ମୁମ୍ବାଇ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଶୁକ୍ରବାର ବମ୍ବେ ଏକ୍‌ଜିବିସନ ସେଣ୍ଟର ଠାରେ ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ଏବଂ ଫିକି'ର ମିଳିତ ଆନୁକୂଲ୍ୟରେ ଆୟୋଜିତ 'ଇଣ୍ଡିଆ ଷ୍ଟିଲ୍ ୨୦୨୫' ରାଉଣ୍ଡ ଟେବୁଲରେ ଯୋଗ ଦେଇ ଓଡ଼ିଶା ଭାରତର ଇସ୍ପାତ ରାଜଧାନୀ ଭାବରେ ବିକଶିତ ହୋଇଛି ବୋଲି ଦୋହରାଇ କହିଥିଲେ ଯେ, ଓଡ଼ିଶାକୁ ଶିଳ୍ପ ପ୍ରତିଷ୍ଠା ପାଇଁ ନିବେଶକମାନେ ଆଗେଇ ଆସିଲେ ସେମାନଙ୍କ ପାଇଁ ରାଜ୍ୟ ସରକାରଙ୍କ




ପକ୍ଷରୁ ସମସ୍ତ ସୁବିଧା ସୁଯୋଗର ବ୍ୟବସ୍ଥା କରାଯିବା ସହିତ କଞ୍ଚାମାଲ୍ ଠାରୁ ଆରମ୍ଭ କରି ଅନ୍ୟାନ୍ୟ କ୍ଷେତ୍ରରେ ମଧ ସହଯୋଗ କରାଯିବ। ସମୃଦ୍ଧ ଓଡ଼ିଶା ବିଷୟବସ୍ତୁ ଉପରେ ଏହି ରାଉଣ୍ଡ ଟେବୁଲ୍ ବୈଠକରେ ବିକଶିତ ଭାରତ ୨୦୪୭ ଭିଜନକୁ ସାକାର କରିବା ପାଇଁ ରାଜ୍ୟର ଭୂମିକା ଉପରେ ମୁଖ୍ୟମନ୍ତ୍ରୀ ମତ ରଖିଥିଲେ। (ପୃଷ୍ଠା ୭ରେ)

# ଗର୍ଜିଲା ରାଫେଲ ଓ ସୁଖୋଇ ୩୦

**ନୂଆଦିଲ୍ଲୀ, ୨୫।୪**

ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଆକ୍ସନ ମୋଡ୍‌କୁ ଆସିଯାଇଛି। ଲଗାତର ବୈଠକ ପରେ ବୈଠକ ଚାଲୁ ରହିଛି । ଗୁରୁବାର ସିନ୍ଧୁ ନଦୀ ଚୁକ୍ତି ବାତିଲ ସହ ଅନେକ ବଡ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଘୋଷଣା ହୋଇସାରିଛି। ତେବେ ଶୁକ୍ରବାର ଆକାଶରେ ଭାରତର ଲଢୁଆ ବିମାନ ଗର୍ଜିଛନ୍ତି। ବାୟୁସେନାର ରାଫେଲ ଓ ସୁଖୋଇ ୩୦ ଯୁଦ୍ଧାଭ୍ୟାସ ଆରମ୍ଭ କରିଛନ୍ତି। ଭାରତୀୟ ବାୟୁସେନାର ସ୍ୱତନ୍ତ୍ର ଯୁଦ୍ଧାଭ୍ୟାସ ଆକ୍ରମଣ ଆରମ୍ଭ ହୋଇଯାଇଛି। ଭାରତ-ପାକିସ୍ତାନ ଉତ୍ତେଜନା ଦୃଷ୍ଟିରୁ ବାୟୁସେନାର ଅଭ୍ୟାସ ଚାଲିଛି। ଅମ୍ବାଲା ଓ ହସିମରା ଏୟାରବେସ୍‌ରୁ ଯୁଦ୍ଧାଭ୍ୟାସ ହେବା ସହ ପୂର୍ବ



ଭାଗରେ ଥିବା ଏୟାରବେସ୍‌ରୁ ବାୟୁସେନାକୁ ସ୍ଥାନାନ୍ତର ପ୍ରକ୍ରିୟା ଚାଲିଛି। ପାହାଡ଼ ପର୍ବତ ଘେରା ଦୁର୍ଗମ ଅଞ୍ଚଳରେ ପହଞ୍ଚିବାକୁ ସମରାଭ୍ୟାସ କରାଯାଉଛି। ଏହି ସମରାଭ୍ୟାସ ପରେ ଆଗକୁ କିଛି ବଡ ପଦକ୍ଷେପ ନିଆଯିବା ନେଇ ଅନୁମାନ କରାଯାଉଛି।

# ୩ ବର୍ଷରେ ୫ ଲକ୍ଷ ଲୋକଙ୍କୁ ମିଳିବ ଘର

**ଭୁବନେଶ୍ୱର, ୨୫।୪**
**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ମାସରେ ଆଉ ଲକ୍ଷେ ଘର ବାଣ୍ଟିବେ ରାଜ୍ୟ ସରକାର। ୩ ବର୍ଷରେ ୫ ଲକ୍ଷ ଲୋକଙ୍କୁ ମିଳିବ ଘର। ଏନେଇ ଶୁକ୍ରବାର ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଆଉ ଲକ୍ଷେ ହିତାଧିକାରୀଙ୍କୁ ସାମିଲ କରାଯିବ। ଶାରୀରିକ ଅକ୍ଷମ, ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ, ପଦ୍ମଶ୍ରୀ ଭଳି ପୁରସ୍କାରପ୍ରାପ୍ତ ବ୍ୟକ୍ତିଙ୍କୁ ଏଥିରେ ସାମିଲ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ୬୦ ହଜାର ହିତାଧିକାରୀଙ୍କୁ ସାମିଲ କରାଯାଇଥିଲା।



ମେ' ମାସ ଶେଷ ଯାଏଁ ଚାଲିବ ଆବାସ ସର୍ଭେ। ଏବେ ସୁଦ୍ଧା ୨୯ ଲକ୍ଷ ହିତାଧିକାରୀ ସର୍ଭେରେ ଯୋଡ଼ି ହେଲେଣି। ସର୍ଭେରେ ଯୋଡ଼ି ହେବାକୁ ବ୍ୟାପକ ସଚେତନତା କରାଯାଇଥିଲା।

ପଞ୍ଚାୟତିରାଜ ମନ୍ତ୍ରୀ ଆହୁରି କହିଛନ୍ତି, ମୁଖ୍ୟମନ୍ତ୍ରୀ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଆଉ ଲକ୍ଷେ ହିତାଧିକାରୀଙ୍କୁ ସାମିଲ କରାଯିବ।

ଏଠାରେ ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟର ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ହିତାଧିକାରୀମାନଙ୍କୁ ଘର ଯୋଗାଇଦେବା ନିମନ୍ତେ ନିର୍ଦ୍ଧାରିତ ସମୟସୀମା ଧାର୍ଯ୍ୟ କରାଯାଇଛି। ଆଗାମୀ ମାସକ ମଧ୍ୟରେ ରାଜ୍ୟରେ ୧ ଲକ୍ଷ ହିତାଧିକାରୀଙ୍କୁ ଆବାସ ଯୋଜନାରେ ବାସଗୃହ ଯୋଗାଇ ଦେବାର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏ ଦିଗରେ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି।

## ଛୁଟିରେ ସ୍କୁଲ ଖୋଲିଲେ କାର୍ଯ୍ୟାନୁଷ୍ଠାନ : ମନ୍ତ୍ରୀ

**ଭୁବନେଶ୍ୱର, ୨୫।୪**
**ନ୍ୟୁଜ୍ ବ୍ୟୁରୋ**

ଛୁଟିରେ ସ୍କୁଲ ଖୋଲିଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବେସରକାରୀ ସ୍କୁଲ ଓ କଲେଜକୁ କଡ଼ା ଚେତାବନୀ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି ସରକାରଙ୍କ ଗ୍ରୀଷ୍ମ ପ୍ରବାହ ଏସଓପି ନମାନି ସ୍କୁଲ, କଲେଜ ଖୋଲିଲେ କାର୍ଯ୍ୟାନୁଷ୍ଠାନ ହେବ। ଗ୍ରୀଷ୍ମ ପ୍ରବାହକୁ ନେଇ ପଦକ୍ଷେପ ନିଆଯାଇଛି। ଏବେ ସ୍ଥିତି ନିୟନ୍ତ୍ରଣରେ ଅଛି। ଅତି ଆବଶ୍ୟକ ନଥିଲେ ଘରୁ ନ ବାହାରିବାକୁ ଅପିଲ କରିଛନ୍ତି ମନ୍ତ୍ରୀ। ଏହାସହ ହସ୍ପିଟାଲ ମାନଙ୍କରେ ଅଂଶୁଘାତ ୱାର୍ଡ ପ୍ରସ୍ତୁତ ରଖିବାକୁ ସିଏଚସି ଓ ପିଏଚସିକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

## ଏକାଳ ପଖାଳ



ପଛ ଶନିପାତ ମୁହଁ ଇସ୍ପାତ
ପାକ୍ ହୁଏ ଛଟପଟ
ଯୁଦ୍ଧ କରିବାକୁ ବହୁତ ଇଚ୍ଛୁକ
ଅପେକ୍ଷା ମଶାଣି ଘାଟ
ଭିକାରୀ ପାକର ନାଟ
ଭୟରେ କିନ୍ତୁ ଥରହର ହୁଏ
ପଡିବ ଭାରତ ଛାଟ।

# ଓଡ଼ିଶା ଛାଡ଼ିବାକୁ ୧୨ ପାକିସ୍ତାନୀ ନାଗରିକଙ୍କୁ ନୋଟିସ୍



**ଭୁବନେଶ୍ୱର, ୨୫।୪**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ଆଉ ପାକିସ୍ତାନୀ ନାଗରିକ ରହିପାରିବେ ନାହିଁ। ସେମାନଙ୍କୁ ରାଜ୍ୟରୁ ବିଦା କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି।

ଦୀର୍ଘକାଳୀନ ଭିସା ବଳରେ ଭାରତର ବିଭିନ୍ନ ରାଜ୍ୟରେ ପାକିସ୍ତାନୀ ନାଗରିକମାନେ ରହୁଛନ୍ତି। ସେମାନେ ବିଭିନ୍ନ କାମରେ କାର୍ଯ୍ୟରତ ଅଛନ୍ତି। ଏହିକ୍ରମରେ ଓଡ଼ିଶାରେ ୧୨ଜଣ ପାକିସ୍ତାନୀ ନାଗରିକ ରହୁଥିବା ଜଣାପଡ଼ିଛି। ଦୀର୍ଘକାଳୀନ ଭିସା ବଳରେ ପାକିସ୍ତାନୀ ନାଗରିକମାନେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବସବାସ କରୁଛନ୍ତି। ତେବେ ଜମ୍ମୁ କଶ୍ମୀରର ପହଲଗାମରେ ଗତ ମଙ୍ଗଳବାର ହୋଇଥିବା ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଏବେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ସ୍ଥିତି ରହିଛି। ଦେଶର ଆଭ୍ୟନ୍ତରୀଣ ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ସରକାର ପାକିସ୍ତାନୀ ନାଗରିକ ମାନଙ୍କୁ ଦେଶ ଛାଡ଼ିବାକୁ ପରାମର୍ଶ ଦେଇଛନ୍ତି। ଭାରତ ସରକାର କହିଛନ୍ତି ଯେ, ଏପ୍ରିଲ ୨୯ ତାରିଖ ପର୍ଯ୍ୟନ୍ତ ପାକିସ୍ତାନୀ ନାଗରିକମାନେ ଭାରତ ଛାଡ଼ନ୍ତୁ। ଏମାନଙ୍କୁ ଭାରତ ଛାଡ଼ି ଯିବାକୁ ନୋଟିସ ଦେବା ପ୍ରକ୍ରିୟା ଆରମ୍ଭ ହୋଇଛି। କେନ୍ଦ୍ର (ପୃଷ୍ଠା ୭ରେ)

# ଡାକ୍ତର ଦାମୀ ମେଡିସିନ ଲେଖିବା କୌଣସି ଅପରାଧ ନୁହେଁ

**କଟକ, ୨୫।୪**
**ନ୍ୟୁଜ୍ ବ୍ୟୁରୋ**

ଡାକ୍ତର ଦାମୀ ମେଡ଼ିସିନ ଲେଖିବା କୌଣସି ଅପରାଧ ନୁହେଁ। ଏସବୁ କଲେ ଡାକ୍ତରଙ୍କ ବରୋଧରେ ଫୌଜଦାରୀ ମାମଲା ରୁଜୁ କରାଯାଇପାରିବ ନାହିଁ। ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ଓଡ଼ିଶା ହାଇକୋର୍ଟ। ବିଶେଷକରି ଯଦି କୌଣସି ଡାକ୍ତର ଦାମୀ ମେଡିସିନ ଲେଖୁଥିଲେ ,କିମ୍ବା କୌଣସି ମେଡିସିନ କମ୍ପାନୀ ଦ୍ୱାରା ଆୟୋଜିତ ସେମିନାରରେ ଯୋଗ ଦିଅନ୍ତି ତେବେ ତାଙ୍କୁ ଦୋଷୀ କରାଯାଇପାରିବ ନାହିଁ ବୋଲି କୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି। ହାଇକୋର୍ଟର



ବିଚାରପତି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏହି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ଏଥି ସହ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ଚିକିତ୍ସା କେନ୍ଦ୍ରର ଡାକ୍ତର ଦମ୍ପତି ପ୍ରଫେସର ଡାକ୍ତର ସୁରେନ୍ଦ୍ରନାଥ ସେନାପତି ଏବଂ ଡାକ୍ତର ଦୀପ୍ତିରାଣୀ ସାମନ୍ତଙ୍କ ବିରୋଧରେ ରୁଜୁ ଭିଜିଲାନ୍ସ ମାମଲାକୁ ମଧ (ପୃଷ୍ଠା ୭ରେ)

ପ୍ରଥାଭାଙ୍ଗ

31 YEARS
ସମ୍ବାଦ କଳିକା

# ୨୦୪୯ ସୁଦ୍ଧା ବିଶ୍ୱ ଅର୍ଥନୀତି ସହିବ କ୍ଷତି

ପରିବେଶ ପ୍ରଦୂଷଣ ଏବଂ ବିଶ୍ୱ ତାପନ ଯୋଗୁ ଜଳବାୟୁରେ ବ୍ୟାପକ ଅନିୟମିତା ଦେଖିବାକୁ ମିଳୁଛି। ଯଦି ଏବେଠାରୁ ଏହାକୁ ନିୟନ୍ତ୍ରଣ କରା ନଯାଏ ଆଗକୁ ସ୍ଥିତି ଆହୁରି ଭୟଙ୍କର ହେବ। ଏପରିକି ୨୦୪୯ ସୁଦ୍ଧା ବିଶ୍ୱ ଅର୍ଥନୀତିକୁ ଏଥିପାଇଁ ବାର୍ଷିକ ୩୮ ଲକ୍ଷ କୋଟି ଡଲାରର କ୍ଷତି ସହିବାକୁ ପଡ଼ିବ। ଜଳବାୟୁ ପରିବର୍ତ୍ତନ ଅତ୍ୟଧିକ ମାତ୍ରାରେ ହେଉଥିବାରୁ ଫସଲ ଅମଳ ପ୍ରଭାବିତ ହେଉଛି। ଶ୍ରମିକମାନଙ୍କ ଉତ୍ପାଦକତା କମୁଛି ଏବଂ ଭିତ୍ତିଭୂମି ମଧ୍ୟ ନଷ୍ଟ ହେଉଛି ବୋଲି ଜର୍ମାନୀର ପଟ୍ସଡ୍ୟାମ ଇନ୍‌ଷ୍ଟିଚ୍ୟୁଟ୍ ଫର୍ କ୍ଲାଇମେଟ୍ ଇମ୍ପାକ୍ଟ ରିସର୍ଚ୍ଚ (ପିଆଇକେ)ପକ୍ଷରୁ କୁହାଯାଇଛି। ବିଶ୍ୱର ୧୬୦୦ରୁ ଅଧିକ ଅଞ୍ଚଳରୁ ଗତ ୪୦ ବର୍ଷର ତଥ୍ୟ ସଂଗ୍ରହ କରି ଭବିଷ୍ୟତ ସଂପର୍କରେ ଉକ୍ତ ସଂସ୍ଥାର ବୈଜ୍ଞାନିକମାନେ ଏଭଳି ଭୟଙ୍କର ପୂର୍ବାନୁମାନ କରିଛନ୍ତି। ଜଳବାୟୁ ପରିବର୍ତ୍ତନ କାରଣରୁ ଚଳିତ ଶତାବ୍ଦୀର ମଧ୍ୟଭାଗ ସୁଦ୍ଧା ବିଶ୍ୱରେ ଲୋକମାନଙ୍କ ହାରାହାରି ଆୟ ୧୯ ପ୍ରତିଶତ କମିଯିବ ବୋଲି ନେଚର ପତ୍ରିକାରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ଜଳବାୟୁ ପରିବର୍ତ୍ତନ ପ୍ରାୟ ସବୁ ଦେଶରେ ଆସନ୍ତା ୨୫ ବର୍ଷରେ ବଡ଼ଧରଣର ଅର୍ଥନୈତିକ କ୍ଷତି ପହଞ୍ଚାଇବ ବୋଲି ଉକ୍ତ ଅନୁଧ୍ୟାନର ନେତୃତ୍ୱ ନେଇଥିବା ବୈଜ୍ଞାନିକ ଲିଓନି ୱେଞ୍ଜ ଏକ ବିବୃତିରେ କହିଛନ୍ତି। ନିର୍ଗମନକୁ ବହୁମାତ୍ରାରେ ତୁରନ୍ତ ଆମକୁ ହ୍ରାସ କରିବାକୁ ପଡ଼ିବ। ଯଦି ଏହା କରା ନଯାଏ ଚଳିତ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଅର୍ଥନୈତିକ କ୍ଷତି ଆହୁରି ଅଧିକ ହେବ। ୨୧୦୦ ମସିହା ସୁଦ୍ଧା ଅର୍ଥନୈତିକ କ୍ଷତି ବିଶ୍ୱ ହାରାହାରିର ୬୦ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚି ଯାଇପାରେ। ମାନବକୃତ ସବୁଜଗୃହ ଗ୍ୟାସ ନିର୍ଗମନ ବିଶ୍ୱକୁ ପ୍ରାକ୍ ଶିଳ୍ପାୟନ ଯୁଗ ତୁଳନାରେ ପ୍ରାୟ ୧.୧ ଡିଗ୍ରି ଉତ୍ତପ୍ତ କରିଦେଇଛି। ଏଥିଯୋଗୁ ଗତ ୩୦ ବର୍ଷ ମଧ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷତି ୭ ଲକ୍ଷ କୋଟି ଡଲାରରେ ପହଞ୍ଚିଛି। ଜଳବାୟୁ ପରିବର୍ତ୍ତନ ଜନିତ କ୍ଷୟକ୍ଷତି ବଢୁଛି। ଏଥିଯୋଗୁ ୨୦୧୬ ମସିହାରୁ ବାର୍ଷିକ ହାରାହାରି ୫୦,୦୦୦ କୋଟି ଡଲାରର କ୍ଷତି (ଆମେରିକା ଜିଡିପିର ୨ ପ୍ରତିଶତ) ହେଉଛି। ବିଶ୍ୱତାପନ ପ୍ରତି ବିକାଶଶୀଳ ଦେଶଗୁଡ଼ିକର ଯୋଗଦାନ ଅପେକ୍ଷାକୃତ କମ୍ ରହିଥିଲେ ମଧ୍ୟ ସେମାନେ ଅଧିକ କ୍ଷତି ସହୁଛନ୍ତି। ଗବେଷକମାନେ ମତ ରଖିଛନ୍ତି ଯେ ନିର୍ଗମନକୁ ହ୍ରାସ କରିବା ଏବଂ ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ବିଶ୍ୱ ତାପନକୁ ୨ ଡିଗ୍ରି ମଧ୍ୟରେ ସୀମିତ ରଖିବା ଦ୍ୱାରା ଜଳବାୟୁ ପରିବର୍ତ୍ତିତଜନିତ କ୍ଷୟକ୍ଷତିକୁ ସବୁଠୁ ଅଳ୍ପ ମୂଲ୍ୟରେ ରୋକାଯାଇ ପାରିବ। ଜଳବାୟୁ ପରିବର୍ତ୍ତନ ପାଇଁ ସର୍ବନିମ୍ନ ଦାୟୀ ଦେଶଗୁଡ଼ିକ ଉଚ୍ଚ ଆୟକାରୀ ଦେଶମାନଙ୍କ ତୁଳନାରେ ୬୦% ଅଧିକ କ୍ଷତି ସହିବେ ବୋଲି ଆକଳନ କରାଯାଇଛି। ଅନୁଧ୍ୟାନରେ ଦକ୍ଷିଣ ଏସିଆ ଏବଂ ଆଫ୍ରିକା ସଂପର୍କରେ କୁହାଯାଇଛି ଯେ ଏସବୁ ଅଞ୍ଚଳରେ ୨୦୫୦ ବେଳକୁ ହାରାହାରି ଆୟରେ ପ୍ରାୟ ୨୨ ପ୍ରତିଶତ କ୍ଷତି ସହିବାକୁ ହେବ। ପିଆଇକେର ବୈଜ୍ଞାନିକ ମାକ୍ସିମିଲିଆନ କହିଛନ୍ତି, ଅତୀତର ନିର୍ଗମନ କାରଣରୁ ୨୦୨୯ ସୁଦ୍ଧା ବିଶ୍ୱରେ ହାରାହାରି ଆୟ ୧୯ ପ୍ରତିଶତ ହ୍ରାସ ପାଇବ, ଯାହାକି ବିଶ୍ୱ ଜିଡିପି ତୁଳନାରେ ଦେଖିଲେ ୧୭ ପ୍ରତିଶତ। ଜଳବାୟୁ ପରିବର୍ତ୍ତନ ଜନିତ ଅର୍ଥନୈତିକ କ୍ଷତି ପ୍ରଭାବରୁ ଜର୍ମାନୀ, ଫ୍ରାନ୍ସ ଓ ଆମେରିକା ଭଳି ବିକଶିତ ଦେଶ ମଧ୍ୟ ବାଦ ପଡ଼ିବେ ନାହିଁ ବୋଲି ଲିଓନି ୱେଞ୍ଜ୍ କହିଛନ୍ତି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ତୃତୀୟ ଅଧ୍ୟାୟ

ମଜାରେ ମଜାରେ କାମ କର ନାହିଁ
ଭବିଷ୍ୟତ ଭାଗ୍ୟ ଡୋରି
ମଜାରେ ମଜାରେ କାମ କର ନାହିଁ
ଅତୀତର ଭାବତରୀ। (୧)
ମନ୍ଦ ଉଦ୍ଦେଶ୍ୟରେ କର୍ମ କର ନାହିଁ
ମହତ ଯିବ ଫୁସୁରି
ମହାକାଳ ପରି ମନ୍ଦ ଯେ ସୁନ୍ଦରୀ
ମୁହୂର୍ତ୍ତେ ଯାଏ ପାସୋରି। (୨)

ମନ ଟଳମଳ ହୋଇବ ସବୁରି
ଲୋଭ ମୋହ ମାୟା ଧରି
ମମତା ଫାସରେ କାଳ ହସ୍ତେ ଡୋରି
ଏହିତ କାଳିର ତରୀ । (୩)

ମହାପାପ କରି ହୃଦୟରେ ଭରି
ଦେଖାଉଥିବେ ଚତୁରୀ
ମହାକାଳ କିନ୍ତୁ ନେବରେ ଘୋଷାରି
ବଡପଣ ଯିବ ସରି । (୪)

ମନ ସଫାକର ବସିବେରେ ହରି
ମନ ତ ଗୁରୁ ତୁମ୍ଭରି
ମନ ଆସନ ତ ଶ୍ରୀ ଅନନ୍ତ ହରି
ମନକୁ ରଖ ବିଚାରି। (୫)

ମନ ଥୟ ଯାର ଜୟ ତ ତାହାରି
କାଳ ଫାସ ଥାଏ ଡରି
ମନକୁ ଅମନେ ଯିଏ ଦିଏ ଭରି
ମାୟା ତାକୁ ଥାଏ ଡରି। (୬)

ମନଟି ମ କାର ମହେଶ୍ୱର ଧରି
ଓଁ କାର ଲୟ ତାଙ୍କରି
ମରଣକୁ ଜିଣି ଭବ ଭୟ ହାରି
ଶ୍ମଶାନ ନେଲେ ଆଦରି। (୭)

ମଦ, ମାଂସ, ନାରୀ ତ୍ରିଶୂଳକୁ ଧରି
କଳି ବୁଲେ ଘିରି ଘିରି
ମମତା ଲଗାଇ ମୋହ ଫାସେ ଭରି
କରି ଦିଏ ହତଶିରୀ। (୮)

ମତୁଆଲା ପରି ମନ ତ ସବୁରି
ମୁରବି ନାହିଁ କାହାରି
ମନ ପଞ୍ଜୁରିରେ ପାଳନ୍ତି ମଞ୍ଜାରୀ
ମୁଖେ କହୁଥାନ୍ତି ହରି । (୯)

ମର୍କତ ପରାୟେ ଭାବନା ସବୁରି
ଭକତି ନାହିଁ କାହାରି
ମନରେ ପୁରିଛି ମଇଳାରେ ଭାରି
କେ କାହିଁ ଚିହ୍ନିବ ହରି । (୧୦)

ମନ୍ଦର ପର୍ବତ ପରି ଅହଂକାରୀ
ମନୁଷ୍ୟ ଶରୀର ଧରି
ମନ୍ଦ ଉଦ୍ଦେଶ୍ୟକୁ ହୃଦୟରେ ଭରି
କହନ୍ତି ନେତା ସବୁରି। (୧୧)
ମଗର ପରାୟେ ମନ ତ ତାଙ୍କରି
ଉପର ଚିକ୍କଣ ଭାରି
ମଧୁର ମଧୁର କଥା କହି କରି
ଜୀବନରୁ ଦେବେ ମାରି । (୧୨)
ମଶା ମାଛି ମୂଷା ସ୍ୱଭାବକୁ ଧରି
ଶୋଷନ୍ତି ରକ୍ତ ସବୁରି
ମନକୁ ଗୋପନ କରି ମୂଷା ପରି
ଘୁରୁଥାନ୍ତି ମାଛି ପରି । (୧୩)

ମନ୍ତ୍ରୀ ପରିଷଦ କଳ୍ପନାକୁ ଧରି
କରୁଥିବେ ନେତାଗିରି
ମଦୁଆ ମାତାଲ ଠିକାଦାର ଧରି
କୁହୁଡ଼ି ଥିବେ ପହଁରି। (୧୪)

ମନଟି ତାଙ୍କର ମାଓବାଦୀ ପରି
ମାଫିଆ ଉଠା ବେପାରୀ
ମଙ୍ଗ କରିଥାନ୍ତି ସମାଜକୁ ଧରି
କହିଲି ଭକ୍ତରେ ଠାରି। (୧୫)
ମନ୍ତ୍ର ଯନ୍ତ୍ର ତନ୍ତ୍ର ଭାବନାକୁ ଧରି
ମନ ଟଳିବ ସବୁରି
ମହାବାତ୍ୟା ପରି ମିଥ୍ୟା ଭାବ ଧରି
ଦିନରେ କରିବେ ଚୋରି (୧୬)

ମହୁଲି ବେପାରୀ ଦେଶୀ ମଦ ଧରି
ମାରିବେ ଛାପ ସର୍କାରୀ
ମଦ ନାରୀ ଧନ ଲାଞ୍ଚଦେଇ କରି
ଲୁଟିବେ ପ୍ରଜାଙ୍କ ଶିରୀ। (୧୭)

ମଶାଣି ଗୋଚର ସବୁ ନେବେ ହରି
ପାହାଡ ପର୍ବତ ଧରି
ମହାମାୟା ଲୀଳା କହିଲିରେ ଠାରି
ବନଲତା ଯିବ ସରି । (୧୮)

ମଉଜ କରିବେ କମ୍ପାନୀକୁ ଧରି
ପ୍ରଜା ହେବେ ମରାମରି
ମରଦ ପଣିଆ ଦେଖାଇବେ ଭାରି
ବିଦେଶୀ ପୁଞ୍ଜିକୁ ଧରି । (୧୯)
ମଣି ଖଣି ସବୁ କରିବେ ବିକିରି
କ୍ଷେତ ନଥିବ କାହାରି
ମନ ଭୁଲାଣିଆ ସ୍ଲୋଗାନ କରି
ଓଡ଼ିଶା ଯିବେ ପାଶୋରି (୨୦)

(କ୍ରମଶଃ)



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

# ବଧୂ ବିଦେଶିନୀ–୨୨

## କଳିଙ୍ଗ ଓ ଯବଦେଶ (ଜାଭା) ବିଷୟକ ଇତିହାସ ଓ କଳ୍ପନା ମିଶ୍ରିତ ଉପନ୍ୟାସ

## ୩୬-ପ୍ରେମିକର ପ୍ରେମପ୍ରାପ୍ତି ପାଇଁ ପ୍ରଚେଷ୍ଟା

**ପୂର୍ବ ପ୍ରକାଶିତ ଉତ୍ତାରୁ**

ସୁହାସିନୀ ମନରେ ସନ୍ଦେହ ଦୃଢୀଭୂତ ହେଲା ଯେ ମୋର ଶାରୀରିକ ରୋଗ ବ୍ୟତିରେକ ଆଉ କିଛି ସମସ୍ୟା ରହିଅଛି। ଦିନେ ହଠାତ୍ ଆସି ହରଷ ମନରେ ପଚାରିଲା, "କଲ୍ଲୋଳା, ଉଦୟନ ଜଣେ ଉତ୍ତମ ପୁରୁଷ। ସେ ତୋ'ର ଏହି ଦୁର୍ଦ୍ଦଶା ସମୟରେ ଯେପରି ଶୃଙ୍ଖଳିତ ଭାବେ କାର୍ଯ୍ୟ କରି ତୋର ଦୁର୍ଘଟଣାର ଉପଶମ କରିଦେଲେ, ଏପରି କାର୍ଯ୍ୟ କେତେ ଜଣ କରିପାରିବା ସମ୍ଭବ ?" ମୁଁ ସାଥି ସାଥି ଉତ୍‌ଫୁଲିତ ହୋଇ କହିଲି, "କୋଟିରେ ଏପରି ଲୋକ ଗୋଟିଏ ମିଳନ୍ତି। ଏତେ ଉତ୍ତମ ବ୍ୟବହାର, କୋମଳ ବଚନ, ହସହସ ମୁଖ, କନ୍ଦର୍ପଜିଣା ରୂପକାନ୍ତି ପ୍ରଭୃତିର ଅଧିକାରୀ ତାଙ୍କ ପରି କେହି ନାହାନ୍ତି ?" ପୁଣି ସୁହାସୀ ପଚାରିଲା, 'ତୋର ମନରେ ନିଶ୍ଚୟ ଆସୁଥିବ ତାଙ୍କୁ ଦେଖିବା, ତାଙ୍କ ସହ ବାର୍ତ୍ତାଳାପ କରିବା ନିମିତ୍ତ। ମୁଁ ତାଙ୍କୁ ଡାକି ଆଣିବି ?' ଏହା ଶୁଣି ମୋ ମୁଖଦେଶରେ ଚମକ ଖେଳିଗଲା। କହିଲି, "ତୁ ଯଦି କରିପାରିବୁ ତାହା ମୋ ପାଇଁ ସ୍ୱର୍ଗର ଆନନ୍ଦ ପରି ହେବ।" ଇତ୍ୟାଦି ଇତ୍ୟାଦି। ସୁହାସୀ ଏହିଠାରେ ବାର୍ତ୍ତାଳାପ ସ୍ଥଗିତ ରଖିଦେଲା। ସେ ମୋର ମନର କଥା ଜାଣିଦେଲା। ମୁଁ ତା'ର ମୁଖକୁ ଉତ୍ତର ଆଶାରେ ଦେଖୁଥାଏ।

କିଛି ସମୟ ପରେ ସୁହାସୀ ମୋ ପାଖକୁ ଆସିଲା। କିନ୍ତୁ ଏଥର ସହର୍ଷ ବଦନରେ ନୁହେଁ ଗାମ୍ଭୀର୍ଯ୍ୟ ପରିପ୍ରକାଶ କରି। ପଚାରିଲା, ଦେଖ ସଖୀ, ତୋତେ ମୋର ରାଣ, ସତ୍ୟବଚନ କହିବୁ ? " ମୁଁ କହିଲି, "କ'ଣ ପଚାରୁଛୁ ପଚାରେ ।" ସେ କହିଲା, "ମୁଁ ଏ ସବୁ ଘଟଣା ଦେଖି ଅନୁମାନ କରିପାରୁଛି ଯେ ତୁ ନିଶ୍ଚୟ ଉଦୟନଙ୍କ ପ୍ରେମରେ ଏତେ ନିମଗ୍ନ ହୋଇଗଲୁଣି ଯେ ତୋର ଆହାର, ନିଦ୍ରାଦି ତ୍ୟାଗ ତଥା ତୋର ଏ ମାନସିକ ଅବସ୍ଥାର ବିଶେଷ କାରଣ ଅଟେ। ତୁ ଯଦି ମୋତେ ସତ୍ୟ କଥା ନ କହିବୁ ତେବେ ତୋର ଏ ଦଶା ନିରାକରଣ କିଏ କରିବ ?" ତୁ ବୀରକ୍ଷତ୍ରୀୟ କନ୍ୟା। ଏସବୁ ଯୋଗୁଁ ତୁ ସ୍ଥାଣୁ ନ ହୋଇ ଗତିଶୀଳ ହୁଅ ଓ ଦୃଢତାର ସହ ସମସ୍ୟାର ସମାଧାନ କରେ। ତୋତେ ସମସ୍ତ ସାହାଯ୍ୟ କରିବାପାଇଁ ତୋର ଏ ସଖୀ ଅଛି। ନିଜକୁ ଦୁର୍ବଳ ଓ ଅସହାୟ ମନେ କରେ ନାହିଁ ?" ମୁଁ ଶୁଣି ଇତଃସ୍ତତ ହୋଇ କହିଲି, "ମୋ ଭାବନା ପରିପୂର୍ଣ୍ଣ ହେବାଟା କ'ଣ ସମ୍ଭବ ? ତୁ କ'ଣ ବା କରିପାରିବୁ ?" ସୁହାସୀ ହଠାତ୍ ମୋ ଉପରକୁ ଆକ୍ରମଣ କଲା ସଦୃଶ୍ୟ କହିଲା, "ତୁ କ'ଣ ଭାବିଛୁ ମୁଁ ଏତେ ଅପାରଙ୍ଗମ ? ତୁ ଖୋଲି କରି ସବୁ କହ ତ। ମୋର ସବୁ କଥା ମାନେ। ତା'ପରେ ଦେଖିବୁ ଏ ସୁହାସୀ ତୋ'ପାଇଁ କ'ଣ କରିପାରୁଛି ?"

ସୁହାସୀର ଦୃଢ ବାଣୀ ଶୁଣି ମୁଁ କହିଲି, "ତୁ ଯାହାସବୁ ଅନୁମାନ କରିଛୁ ତାହା ସତ୍ୟ। ଏ ପ୍ରେମରୋଗ ମୋତେ ଗ୍ରାସ କରିଛି। ସେ ପ୍ରେମକୁ ନପାଇବାର ଦୁର୍ଭାବନା ମୋତେ ଅସ୍ଥିର କରି ଦେଉଛି। ପୁରାଦିନ ସେ ମନରେ ବାସ କରୁଛନ୍ତି। ମୁଁ ତାଙ୍କ କଥା ଭାବି କିଛି କରିପାରୁନାହିଁ। ତୁ ମୋତେ ସାହାଯ୍ୟ କରି ମୋର ଏ ଅବସ୍ଥା ଦୂରକର। ତାଙ୍କୁ ବିବାହ କରି ଜୀବନ ଜୀଇବା ମୋର ଏକମାତ୍ର ଇଚ୍ଛା। ନଚେତ୍ ମୋ ଜୀବନ ମୂଲ୍ୟହୀନ।" ତାହା ଶୁଣି ସୁହାସୀ କହିଲା, "କଲ୍ଲୋଳା, ତୁ ପୁନଃ ଚିନ୍ତା କରେ। ଏ ବଡ ଦୁର୍ଗମ ପଥ। ତୋର ଓ ଉଦୟନଙ୍କ ମଧ୍ୟରେ ଅନେକ ସାମାଜିକ ପ୍ରଭେଦ। ତୁ ଯବଦେଶର ରାଜକନ୍ୟା ଓ ସେ ଏକ ସାଧାରଣ କଳିଙ୍ଗ ପୁତ୍ର। ଉଭୟଙ୍କ ଜାତିଗତ ପାର୍ଥକ୍ୟ। ସେ ଏକ ରୂଢ଼ିବାଦୀ ବ୍ରାହ୍ମଣ ପରିବାରର। ତୁ ଏକ ଉଚ୍ଚ ରାଜବଂଶର କନ୍ୟା। ତୋତେ ମୁଁ ଏକ ଦିନ ଚିନ୍ତା କରିବାପାଇଁ ସମୟ ଦେଲି। ତୁ ମନ ଖୋଲି ତୋର ସମସ୍ତ ମୋତେ ବ୍ୟକ୍ତ କରିଚାଲେ। ହୁଏତ ତୋ'ର ଏ ଲୁକାୟିତ ଅଗ୍ନି ସଦୃଶ ଭାବନା ସ୍ୱତଃ ନିର୍ବାପିତ ହୋଇ ଯାଇପାରେ। ଯଦି ତାହା ନ ହୁଏ ତେବେ ତୋ ଇଚ୍ଛା ନିମିତ୍ତ କ'ଣ କରିବାକୁ ହେବ, ତାହା ଦେଖିବା।"

ଏହିପରି ଏକ ଦିନ ଚାଲିଗଲା। ସାରାଦିନ ମୁଁ ମୋ ପ୍ରେମଭାବନା ସୁହାସୀକୁ କହିଚାଲିଲି। ମନ ମଧ୍ୟ ହାଲୁକା ହୋଇଗଲା। କିନ୍ତୁ ଏ ପ୍ରେମ ପଥ ତ୍ୟାଗକରିବାର କୌଣସି ସମାଧାନ ଆସିଲା ନାହିଁ। ତେଣୁ ସୁହାସୀ ସହ କଥାହେଲି ଓ ଦୃଢତାରେ କହିଲି, "ସଖୀ, ମୋ ପ୍ରେମ ଶାଶ୍ୱତ। ତାହା ବିନା ମୋ ଜୀବନ ଅଂଧକାର। ଯଦି ମୁଁ ଉଦୟନଙ୍କୁ ପାଇ ପାରିବି ନାହିଁ, ତେବେ ଆଜୀବନ ଅବିବାହିତା ହୋଇ ରହିବି। ଏହା ମୋର ଶେଷ ସିଦ୍ଧାନ୍ତ। ତେଣୁ ତୁ ମୋତେ ସାହାଯ୍ୟ କରେ। ମୁଁ ଏବେ ଦୁର୍ବଳା ନୁହେଁ। ଲଢିବାକୁ ମୋ ମନରେ ଅମାପ ଦାମ୍ଭିକତା ଆସିଯାଇଛି। ତୋ ଉପରେ ମୋର ଦୃଢ ବିଶ୍ୱାସ ଅଛି। ଆମ୍ଭେ ଦୁହେଁ ସମସ୍ତ ପ୍ରୟାସ କରି ନିଶ୍ଚୟ ବିଜୟ ଲାଭ କରିବା।" ଏହା ଶୁଣିଲା ପରେ ସୁହାସୀ କହିଲା, "କଲ୍ଲୋଳା, ତୋ'ଠାରୁ ଏହା ମୁଁ ଶୁଣିବାକୁ ଚାହୁଁଥିଲି। ବର୍ତ୍ତମାନଠାରୁ ଆମ୍ଭର ଅଭିଯାନ ଆରମ୍ଭ ହେଉ। ମୁଁ ଯାହା କହୁଛି ତୁ କରିଚାଲେ।" ମୁଁ ହର୍ଷ ମୁଖରେ ସୁହାସୀକୁ କହିଲି" ଆରମ୍ଭ ହେଲା। "ତୁ କହ କ'ଣ ମୁଁ କରିବି ?"

ସୁହାସୀ କହିଲା "ପ୍ରଥମ ସୋପାନରେ ଯାହା କରିବା କଥା ପ୍ରାରମ୍ଭିକ ଭାବେ ମୁଁ କରି ଚାଲୁଛି। ତୁ କେବଳ ନିଜକୁ ସବଳ କରି କାଲିଠାରୁ ମୋ ସାଥିରେ ଶିକ୍ଷା ଗ୍ରହଣ କାର୍ଯ୍ୟକ୍ରମରେ ଯୋଗ ଦିଏ। ତୋର ହାବଭାବ ଯେପରି ଏ ଘଟଣାର ପୂର୍ବରୁ ଥିଲା ସେପରି ହେବା ଆବଶ୍ୟକ। କିନ୍ତୁ ତୋ ପକ୍ଷରେ ଅଳ୍ପ କିଛି ସୌହାର୍ଦ୍ଦ୍ୟ ଭାବ ଉଦୟନଙ୍କ ପ୍ରତି ଦେଖାଇବାକୁ ପଡିବ। ତୋର ଆଗମନରେ ଶ୍ରେଣୀର ସମସ୍ତେ ତୋତେ ଅଭିନନ୍ଦନ କଲେ ତାହା ତୁ ହର୍ଷ ମନରେ ଗ୍ରହଣ କରିବୁ ଏବଂ ଉଦୟନଙ୍କୁ ଦେଖି ବିଶେଷଭାବେ ତାଙ୍କୁ ତଥା ସାହାଯ୍ୟ କରିଥିବା ଅନ୍ୟ ସହପାଠୀମାନଙ୍କୁ ନିକଟରେ ଆଭାର ପ୍ରକଟ କରିବୁ। ସେଥିମଧ୍ୟରେ ଉଦୟନଙ୍କ ପ୍ରତି ଅଧିକ କୃତଜ୍ଞତା ଏପରି ପ୍ରକଟ କରିବୁ ଯେ ସେ ଯେପରି ତୋ ପ୍ରତି ଅତୀବ ଆକୃଷ୍ଟ ହେବେ। ପରବର୍ତ୍ତୀ ଦିନମାନରେ ଅଳ୍ପ କଥା କହି ବା ନିଜର ମୁଖଭଙ୍ଗିମା ଦେଖାଇ ଉଦୟନଙ୍କୁ ତୋର ଆନନ୍ଦ ବ୍ୟକ୍ତ କରିବୁ, ଯଦ୍ୱାରା ତାଙ୍କର ତୋ ପ୍ରତି ଆକର୍ଷଣ ବଢିବ ଓ ପରେ ସେ ତୋ ସହ ପ୍ରେମ ବନ୍ଧନରେ ଆବଦ୍ଧ ହେବାପାଇଁ ସହଜକର ହୋଇଯିବ। ଏହା କିପରି ହେବ ତାହା ତୋ ଉପରେ ନିର୍ଭର କରେ। ତାଙ୍କ ସହ କଥାହେବାପାଇଁ ତୋତେ ସୁଯୋଗ ମିଳିଲେ ମୁଁ ତୋ'ଠାରୁ କିଛି ସମୟ ଦୂରେଇ ଯିବି। କିନ୍ତୁ ଏ କଥାବାର୍ତ୍ତା ଅତିକ୍ଷୁଦ୍ର ଓ ଶାଳୀନତାପୂର୍ଣ୍ଣ ହେବା ଉଚିତ୍।" ମୁଁ ସମ୍ମତ ହେଲି।

ଏହାପରେ ସୁହାସିନୀ ମୋତେ କହିଲା, "ମୋତେ ତୁ ଏକ-ଦୁଇ ସପ୍ତାହ ସମୟ ଦିଏ। ଏ ମଧ୍ୟରେ ଉଦୟନଙ୍କ ବିଷୟରେ ସମସ୍ତ ତଥ୍ୟ ମୁଁ ସଂଗ୍ରହ କରିବି। ଏ ସବୁ ଆଧାରରେ ଆମ୍ଭେ ଏପରି କାର୍ଯ୍ୟଆରମ୍ଭ କରିବା ଯେ ସେ ପ୍ରଥମେ ତୋ'ପ୍ରତି ପ୍ରେମାନୁରକ୍ତ ହୋଇଯିବେ।" ତା'ପରେ ଆମ୍ଭେ ଦୁହେଁ ଅନେକ କଥାବାର୍ତ୍ତା ହେଲୁ। ସୁହାସୀର ମୋ ପ୍ରତି ସମର୍ପଣଭାବ ଅନୁଭବ କରି ଅନେକ ଆନନ୍ଦିତ ହେଲି। ମୋ ମନରେ ଦମ୍ଭ ସାହସ ବହୁଗୁଣିତ ହୋଇଗଲା।

ପରଦିନଠାରୁ ଆମ୍ଭେ ଅଧ୍ୟାପନାସ୍ଥଳକୁ ଗଲୁ। ସୁହାସିନୀ କହିବାମତେ ମୁଁ ସମସ୍ତ କାର୍ଯ୍ୟ କରିଗଲି। କୌଣସି ସମୟରେ କେବେକେବେ ଉଦୟନ ମୋର ନିକଟ ହୋଇଗଲେ, ମୁଁ ସ୍ମିତ ହସରେ ସର୍ବଦା ତାଙ୍କୁ ଅଭିବାଦନ କଲି। ସେ ମଧ୍ୟ ଅନୁରୂପ ବ୍ୟବହାର ମୋ ପ୍ରତି ପ୍ରଦର୍ଶନ କଲେ। ଏପରି ସମୟ ଆସିଲା ଯେତେବେଳେ ମୁଁ କେବଳ ତାଙ୍କର ସମ୍ମୁଖ ହେବାକୁ ବ୍ୟଗ୍ର ନଥିଲି, ଏହା ମଧ୍ୟ ଅନୁଭବ କରୁଥିଲି ଯେ ସେ ମୋର ସଂସ୍ପର୍ଶରେ ଆସିବା ପାଇଁ ଉତ୍କଣ୍ଠିତ ଅଛନ୍ତି। ତାଙ୍କର ଚକ୍ଷୁ, ମୁଖମଣ୍ଡଳର ଭଙ୍ଗିମା ତାହା ମୋତେ ଜଣାଇ ଦେଉଥାଏ। ଏସବୁ ବିଷୟରେ ପ୍ରତିଦିନ ସୁହାସୀ ଓ ମୁଁ କଥାହୋଇ ହର୍ଷିତ ହେଉଥାଉ।

ଅନ୍ୟକ୍ଷେତ୍ରରେ ସୁହାସୀ ତା'ର ଅଭିଯାନ ଚଳାଇଲା ଉଦୟନଙ୍କ ବିଷୟରେ ସମସ୍ତ ତଥ୍ୟ ସଂଗ୍ରହ କରିବାରେ। ସେ ପୃଥକ୍ ପୃଥକ୍ ଭାବେ ଦୁଇଜଣ ଆମ୍ଭ ନିବାସର ପରିଚାରିକାଙ୍କୁ କିଛି ଅର୍ଥ ପାରିତୋଷିକ ଦେଇ ଏ କାର୍ଯ୍ୟରେ ନିୟୋଜିତ କଲା। ସେମାନଙ୍କୁ, କହିଲା, "ତୁମ୍ଭେ ଏ କଥା ଗୁପ୍ତ ରଖିବ ଯେ ଏ ସମସ୍ତ ତଥ୍ୟ ମୁଁ ସଂଗ୍ରହ କରୁଛି ବୋଲି କେହି ଯେପରି ନ ଜାଣନ୍ତି।" ଶେଷରେ ସମସ୍ତତଥ୍ୟ ଉପଲବ୍ଧ ହେବାପରେ ମୋତେ କହିଲା, "ସଖୀ ତୁ ଶୁଣ। ଉଦୟନଙ୍କ ଗ୍ରାମ ଆମ ଲଳିତଗିରିଠାରୁ ପ୍ରାୟ ଦୁଇଯୋଜନ ଓ ରତ୍ନଗିରି ମହାବିହାରଠାରୁ ପ୍ରାୟ ଅର୍ଦ୍ଧ ଯୋଜନ ଦୂରରେ ଥିବା ଧୂମାତଶାସନ ଗ୍ରାମରେ। ଗ୍ରାମଟିରେ ବହୁଳ ବ୍ରାହ୍ମଣ ଜାତିର ଲୋକଙ୍କ ସହ ଅନ୍ୟ ଜାତିର ଲୋକମାନେ ମଧ୍ୟ ବସବାସ କରନ୍ତି। ଏହା ବ୍ରାହ୍ମଣୀ ଓ ବିରୁପାନଦୀ ଦ୍ୱୟର ସଂଗମସ୍ଥଳର ନିକଟବର୍ତ୍ତୀ। ଉଦୟନଙ୍କ ପିତା ଜଣେ କୁଳୀନ ବ୍ରାହ୍ମଣ ଅଂଚଳରେ ଯଜ୍ଞ, ସାମୂହିକ ପୂଜା ଆଦି ହେଉଥିଲେ ତାଙ୍କୁ ସେଠାକାର କର୍ମକର୍ମାଣି ପରିଚାଳନାପାଇଁ ସର୍ବଦା ନିମନ୍ତ୍ରଣ ଆସିଥାଏ। ତେଣୁ ଅଂଚଳର ସେ ଜଣେ ସମ୍ମାନୀୟ ବ୍ୟକ୍ତି। ତାଙ୍କ ନାମ ଦେବାୟନ। ଦେବାୟନଙ୍କ କୁଳଗୁରୁ ହେଉଛନ୍ତି ସେହି ଗ୍ରାମର ଶମ୍ଭୁନାଥ। ଦେବାୟନ ତାଙ୍କୁ ନିଜର ଗୁରୁ ତଥା ଜ୍ୟେଷ୍ଠଭ୍ରାତା ସଦୃଶ ସମ୍ମାନ ଦିଅନ୍ତି। ନିଜ ପରିବାରପାଇଁ କୌଣସି ନିଷ୍ପତ୍ତି ନେବାକୁ ହେଲେ ସେ ସର୍ବଦା ଶମ୍ଭୁନାଥଙ୍କ ପରାମର୍ଶରେ କାର୍ଯ୍ୟକରନ୍ତି। ଉଭୟେ ହେଉଛନ୍ତି ଶାସ୍ତ୍ରଙ୍କ ରକ୍ଷଣଶୀଳ ପଣ୍ଡିତ। ଉଭୟଙ୍କ ପତ୍ନୀମାନେ ମଧ୍ୟ ଶିକ୍ଷିତା। ଉଭୟ ପଣ୍ଡିତ ନିଜ ଜାତି ବାହାରେ କୌଣସି ବିବାହ ସଂଘଟିତ ହେବାର ଘୋର ବିରୋଧୀ। ତେଣୁ ଏ କାର୍ଯ୍ୟ ଆମ୍ଭପାଇଁ ଅତି କଠିନ ହୋଇପାରେ। କିନ୍ତୁ ତୁ ସେଥିପାଇଁ ଭୟ କରେ ନାହିଁ।

ଆମ୍ଭେ ପ୍ରଥମେ ଉଦୟନଙ୍କୁ ଏ ବିବାହପାଇଁ ସମ୍ମତ କରିବାକୁ ହେବ। ତା'ପରେ ଆମ୍ଭ ପଥରେ ଥିବା ଦୁର୍ଗମ ଦୁର୍ଗକୁ ଜୟ କରିବାର ପ୍ରୟାସ କରିପାରିବା।"

ଏହା ଶୁଣି ମୁଁ ଟିକିଏ ଚିନ୍ତିତ ହୋଇପଡିଲି। କିନ୍ତୁ ସୁହାସୀ ମୋତେ ନିର୍ଭୟ ବଚନ ଦେଇଥିବାରୁ ମୁଁ ଆଶ୍ୱସ୍ତି ଲାଭ କଲି। ମୁଁ ତାକୁ କହିଲି, "ଅନୁଲୋମ ବିବାହ ତ ଶାସ୍ତ୍ରସମ୍ମତ। ତେଣୁ ଉଦୟନ ମୋଠାରୁ ଉଚ୍ଚ ଜାତିରେ ହେଲେ କାହିଁକି ମୋତେ ବିବାହ କରିପାରିବେ ନାହିଁ ?" ସୁହାସୀ କହିଲା, କ'ଣ କରିବାକୁ ପ୍ରଥମେ ହେବ ମୁଁ ତାହା କହୁଛି। ତୁ ବିଚାର କର। ମୋ କଥା ବର୍ତ୍ତମାନ ଶୁଣ ।"

(କ୍ରମଶଃ)



ସୁବାସ କୁମାର ତାରଣିଆଁ
ମୋ : ୮୩୨୮୮୪୦୨୧୪
କଣ୍ଟି, ବାହାରଣା, ବାଲିକୁଦା,
ଜଗତସିଂହପୁର

# ଚାଲ ଗାଁକୁ ଫେରିଯିବା

ପାଣିପାଗ ଏକ ପ୍ରାକୃତିକ ପ୍ରକ୍ରିୟା ଏବଂ ମଣିଷର ନିୟନ୍ତ୍ରଣ ବାହାରେ। ଏବେ ଋତୁଚକ୍ରରେ ଖରା, ବର୍ଷା ଓ ଶୀତ ଆଦି ନିର୍ଦ୍ଧାରିତ ସମୟରେ ଆସିବାରେ ବ୍ୟତିକ୍ରମ ଘଟୁଛି। ମନୁଷ୍ୟକୃତ କାର୍ଯ୍ୟ ଯୋଗୁଁ ବିଶ୍ୱର ତାପମାତ୍ରା ବୃଦ୍ଧି ପାଇବା ସହ ଏହାର ପ୍ରଭାବ ପାଣିପାଗ ଉପରେ ପଡୁଛି, ଫଳରେ ଋତୁଚକ୍ରରେ ବ୍ୟତିକ୍ରମ ଘଟୁଥିବା ପରିଲକ୍ଷିତ ହେଉଛି। ଗତ କିଛିବର୍ଷ ହେବ ଓଡ଼ିଶା ସମେତ ସମଗ୍ର ଦେଶରେ ନିର୍ଦ୍ଧାରିତ ସମୟ ଆଗରୁ ଖରାଦିନ ଆସିବାରୁ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଉଛି। ଯେଉଁଥିପାଇଁ ସାରା ବିଶ୍ୱରେ ଜଳବାୟୁ ପରିବର୍ତ୍ତନ, ବାୟୁ ପ୍ରଦୂଷଣ ଏବଂ ତାପମାତ୍ରା ବୃଦ୍ଧି ଏବେ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଯେଉଁ ସହରକୁ ଦେଖିଲେ ଉଡୁଛି ଧୂଳିକଣା। ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରକୁ ଯାଉଛି ଏହି ଧୂଳିକଣା। ଫଳରେ ବୟୋଜ୍ୟେଷ୍ଠ ବ୍ୟକ୍ତି ଓ ଛୋଟ ଛୋଟ ଶିଶୁମାନେ ଅଧିକ ଯନ୍ତ୍ରଣା ଭୋଗୁଛନ୍ତି। ଏକ ତଥ୍ୟ ଅନୁସାରେ କଟକ, ଭୁବନେଶ୍ୱର, କଳିଙ୍ଗ ନଗର, ବାଲେଶ୍ୱର, ଅନୁଗୋଳ, ତାଳଚେର, ଦାମନଯୋଡ଼ି ଏବଂ ରାଜଗାଙ୍ଗପୁର ଆଦି ୮ଟି ସହର ବିଷାକ୍ତ ବାୟୁ ବଳୟରେ ରହିଛି। ସେହିପରି ବିଶ୍ୱର ୧୦୦ ସର୍ବାଧିକ ପ୍ରଦୂଷିତ ସହର ତାଲିକାରେ ଭାରତର ୩୯ଟି ସହର ସ୍ଥାନ ପାଇଛି। ଭାରତର ରାଜଧାନୀ ଦିଲ୍ଲୀର ପ୍ରଦୂଷଣସ୍ତର ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରେ ରହିଛି। କଟକ ଓ ଭୁବନେଶ୍ୱରରେ ବିଶେଷ କଳ କାରଖାନା ନଥାଇ ବି ବାୟୁ ପ୍ରଦୂଷଣ ହାର ଅଧିକ ରହିଛି। ବଡ଼ ବଡ଼ ଅଟ୍ଟାଳିକା ନିର୍ମାଣ, ଡିଜେଲ ଓ ପେଟ୍ରୋଲ ଗାଡ଼ିମୋଟର ସଂଖ୍ୟା ବୃଦ୍ଧି ଓ ଅଳିଆ ଆବର୍ଜନାରେ ନିଆଁ ଲଗାଇବା ଏହାର ପ୍ରମୁଖ କାରଣ। ଯେଉଁ ଅଞ୍ଚଳରେ ଅଧିକ ଗାଡ଼ି ମୋଟର ଯାତାୟତ କରୁଛି, ସେହି ଅଞ୍ଚଳରେ ବାୟୁ ପ୍ରଦୂଷଣ ହାର ସର୍ବାଧିକ ରହୁଛି। ଯେଉଁଥିପାଇଁ ରାଜଧାନୀ ଭୁବନେଶ୍ୱରରେ ୬ଟି ସ୍ଥାନରେ ବାୟୁ ପ୍ରଦୂଷଣ ମାନକ ମାପ କରାଯାଉଛି। କ୍ୟାପିଟାଲ ଥାନା, ଖଣ୍ଡଗିରି ଥାନା, ଏସ୍‌ପିସିବି କାର୍ଯ୍ୟାଳୟ, ପଟିଆସ୍ଥିତ କେନ୍ଦ୍ରୀୟ ପରୀକ୍ଷାଗାର ଏବଂ ଆଇଆରସି ଭିଲେଜରେ ବାୟୁ ପ୍ରଦୂଷଣ ମାପ ମେସିନ ଖଞ୍ଜାଯାଇଛି। ମାତ୍ର ସଚେତନତାର ଅଭାବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କରିବା ଯୋଗୁଁ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଥିବା ପରିବେଶ୍‌ବିତ୍‌ମାନେ ମତ ଦେଇଛନ୍ତି।

ରାଜଧାନୀରେ ଜନସଂଖ୍ୟା ବୃଦ୍ଧି ମଧ୍ୟ ବାୟୁ ପ୍ରଦୂଷଣର ଅନ୍ୟତମ କାରଣ। ଶିକ୍ଷା ସମାପ୍ତ ପରେ ଗ୍ରାମୀଣ ଯୁବକମାନଙ୍କର କୃଷିପ୍ରତି ବିତୃଷ୍ଣା ଭାବ, ଅଧିକ ରୋଜଗାର ଆଶା ନେଇ ନିଯୁକ୍ତି ଅନ୍ୱେଷଣରେ ସହରକୁ ଆସୁଥିବା ଯୁବକମାନେ କିଛିଦିନ ସହରରେ ରହିବା ପରେ ସହରର ଆଭିଜାତ୍ୟକୁ ଅପଣାଇ ବାସସ୍ଥାନଟିଏ ଯୋଗାଡ଼ କରିଦେଲା ପରେ ଆଉ ଗାଁକୁ ଫେରିବାକୁ ମନ ବଳାଉ ନାହାଁନ୍ତି। ସ୍ୱାଧୀନତା ସମୟରେ ଦେଶର ମୋଟ ଜନସଂଖ୍ୟାର ପ୍ରାୟ ୮୫ ଭାଗ ଲୋକ ଗାଁରେ ରହୁଥିବା ବେଳେ ବର୍ତ୍ତମାନ ସୁଦ୍ଧା ଏହା ପାଖାପାଖି ୬୦କୁ ଖସିଆସିଲାଣି। ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ୧୯୪୮ ମସିହା ପବିତ୍ର ମହାବିଷୁବ ସଂକ୍ରାନ୍ତିରେ ଭୁବନେଶ୍ୱର ଆସି ନୂତନ ରାଜଧାନୀ ପ୍ରତିଷ୍ଠା ଶିଳାନ୍ୟାସର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ରାଜଧାନୀ ପ୍ରତିଷ୍ଠା ପୂର୍ବରୁ ଭୁବନେଶ୍ୱର ଲୋକସଂଖ୍ୟା ଥିଲା ମାତ୍ର ୧୭ ହଜାର। ପରବର୍ତ୍ତୀ ସମୟରେ ୨୦୨୧ ସୁଦ୍ଧା ଭୁବନେଶ୍ୱର ଲୋକ ସଂଖ୍ୟା ୧୧ ଲକ୍ଷ ୯୪ ହଜାରରେ ପହଞ୍ଚିଥିଲା ବେଳେ ୨୦୨୨ ମସିହାରେ ୧୨ ଲକ୍ଷ ୨୬ ହଜାର, ୨୦୨୩ରେ ୧୨ ଲକ୍ଷ ୫୮ ହଜାର, ୨୦୨୪ରେ ୧୨ ଲକ୍ଷ ୮୯ ହଜାର ଏବଂ ୨୦୨୫ ଏପ୍ରିଲ ମାସ ସୁଦ୍ଧା ୧୩ ଲକ୍ଷ ୨୧ ହଜାରରେ ପହଞ୍ଚିଛି। ଏହି ପରିସଂଖ୍ୟାନକୁ ତର୍ଜମା କଲେ ପ୍ରତିବର୍ଷ ଭୁବନେଶ୍ୱରରେ ଲୋକସଂଖ୍ୟା ବୃଦ୍ଧି ପାଉଛି ବୋଲି ଧରିନେବାକୁ ହେବ।

ଦୀର୍ଘବର୍ଷର ବ୍ୟବଧାନ ପରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଉତ୍ତପ୍ତ ସହର ଭାବରେ ଏକ ଭିନ୍ନ ରେକର୍ଡ଼ ସୃଷ୍ଟି କରିଥିଲା। ଗତବର୍ଷ ଏପ୍ରିଲ ମାସ ୫ ତାରିଖ ଶୁକ୍ରବାର ଦିନ ଭୁବନେଶ୍ୱରର ତାପମାତ୍ରା ୪୩.୫ ଡିଗ୍ରୀ ସେଲସିୟସ ଅତିକ୍ରମ କରି ସମଗ୍ର ଏସିଆ ମହାଦେଶରେ ଷଷ୍ଠ ଉତ୍ତପ୍ତ ସହର ଓ ଭାରତବର୍ଷରେ ଦ୍ୱିତୀୟ ସର୍ବାଧିକ ଉତ୍ତପ୍ତ ସହର ଭାବେ ପ୍ରମାଣିତ କରିଥିଲା। ମିଆଁମାରର ଚୌକ ସହ ୪୫.୭ ଡିଗ୍ରୀ ସେଲସିୟସ ତାପମାତ୍ରା ବୃଦ୍ଧି ପାଇ ଏସିଆର ସର୍ବାଧିକ ଉତ୍ତପ୍ତ ସହର ହୋଇଥିବା ବେଳେ ମାଗୱେ ଓ ନାୟୁଙ୍ଗ-ୟୁ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଭାରତର ନନ୍ଦ୍ୟାଲ ସହର ଚତୁର୍ଥ ଓ ମିଆଁମାରର ମିନବୁ ପଞ୍ଚମ ସ୍ଥାନରେ ଥିବାବେଳେ ଭୁବନେଶ୍ୱର ଷଷ୍ଠ ସ୍ଥାନରେ ରହିଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ମୁତାବକ ୧୯୮୫ ମସିହା ଠାରୁ ଏଯାବତ ଭୁବନେଶ୍ୱରର ତାପମାତ୍ରା ୬ ଥର ୪୩ ଡିଗ୍ରୀ ଅତିକ୍ରମ କରିଥିବା ବେଳେ ଦୁଇଥର ୪୪ ଡିଗ୍ରୀ ଏବଂ ତିନିଥର ୪୫ ଡିଗ୍ରୀ ସେଲସିୟସ ହୋଇଥିଲା। ଗତବର୍ଷ ଏପ୍ରିଲ ମାସ ୫ ତାରିଖ ଶୁକ୍ରବାର ୨୫ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। ରାଜଧାନୀ ଭୁବନେଶ୍ୱର ବ୍ୟତୀତ ପାରଳାଖେମୁଣ୍ଡି ୪୨.୬, ତାଳଚେର ୪୨.୪, ମାଲକାନଗିରି ଓ ବୌଦ୍ଧ ୪୨.୨, ଅନୁଗୁଳ ୪୨.୧, ବଲାଙ୍ଗୀର, ଟିଟିଲାଗଡ଼, ନୟାଗଡ଼ ଓ ଝାରସୁଗୁଡ଼ା ୪୨, ଜଗତସିଂହପୁର ୪୧.୫, ସମ୍ବଲପୁର ୪୧.୩, ଗନ୍ଦବାଲି, ଭବାନୀପାଟଣା ଓ ଭଦ୍ରକ ୪୧.୨, ବାରିପଦା, ସୁନ୍ଦରଗଡ଼, ହୀରାକୁଦ ଓ କେନ୍ଦ୍ରପଡ଼ା ୪୧, କଟକ ଓ ଢେଙ୍କାନାଳ ୪୦.୬, ବରଗଡ଼ ୪୦.୪, କେନ୍ଦୁଝର ୪୦.୫, ଯାଜପୁର ଓ ରାଉରକେଲା ୪୦, ସୋନପୁର ୩୯.୮, ବାଲେଶ୍ୱର ୩୯.୬, ଖୋର୍ଦ୍ଧା ୩୯.୫, ନୂଆପଡ଼ା ୩୯.୪, ନବରଙ୍ଗପୁର ୩୯.୨ ଏବଂ ରାୟଗଡ଼ାରେ ୩୯ ଡିଗ୍ରୀ ତାପପାତ୍ରା ରେକର୍ଡ଼ କରାଯାଇଥିଲା। ମାତ୍ରାଧିକ ବୃକ୍ଷ ଛେଦନ ଓ ଉତ୍ତର ପଶ୍ଚିମ ଓ ପଶ୍ଚିମ ପଟରୁ ରାଜ୍ୟକୁ କ୍ରମାଗତ ଭାବେ ଶୁଷ୍କ ବାୟୁ ପ୍ରବାହ ସକ୍ରିୟ ରହିଥିବାରୁ ରାଜ୍ୟରେ ଅସହ୍ୟ ଗ୍ରୀଷ୍ମପ୍ରବାହ ଅନୁଭୂତ ହୋଇଥିଲା। ଏପ୍ରିଲ ୧୭ ତାରିଖ ଦିନ ୩୦ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ଥିଲା। ଚଳିତବର୍ଷ ପ୍ରଥମ ଥର ପାଇଁ ୧୮ ତାରିଖ ଦିନ ରାଜ୍ୟରେ ସର୍ବାଧିକ ତାପମାତ୍ରା ୪୪ଡିଗ୍ରୀ ଅତିକ୍ରମ କରିଥିଲା। ୩୨ଟି ସହରର ତାପମାତ୍ରା ୪୦ ଡିଗ୍ରୀ ରହିଥିବା ବେଳେ ବୌଦ୍ଧରେ ତାମପାତ୍ରା ୪୪.୩ ଡିଗ୍ରୀ ରେକର୍ଡ଼ ସୃଷ୍ଟି କରିଥିଲା।

ତାପମାତ୍ରା ବୃଦ୍ଧି ଯୋଗୁ କେବଳ ମାନବ ସମାଜ ଯେ, ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ତାହା ନୁହେଁ ସମଗ୍ର ଜୀବଜଗତ ପ୍ରଭାବିତ ହେଉଛନ୍ତି। ଭୁବନେଶ୍ୱରରେ ବୁଲା ଗୋରୁଗାଈ, ପଶୁ, ପକ୍ଷୀ ବହୁ ମାତ୍ରାରେ ପ୍ରଭାବିତ ହେଉଛନ୍ତି। ପାଣି ମୁନ୍ଦିଏ ପିଇବା ପାଇଁ ଏହି ପଶୁପକ୍ଷୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତାପମାତ୍ରା ବୃଦ୍ଧି ଯୋଗୁ ବହୁ ପଶୁପକ୍ଷୀ ମୃତ୍ୟୁମୁଖରେ ପଡୁଛନ୍ତି ଓ ଅଂଶୁଘାତ ଜନିତ ଆକ୍ରାନ୍ତ ଓ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବ। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ କହିବା ଅନୁସାରେ ଅଂଶୁଘାତ ଓ ଗ୍ରୀଷ୍ମପ୍ରବାହ ଜନିତ ଅସୁସ୍ଥତା ଯୋଗୁ ୭୧ଜଣ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି ଅଂଶୁଘାତର ମୁକାବିଲା ପାଇଁ ସବୁ ଡାକ୍ତରଖାନା ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପ୍ରତିଜିଲ୍ଲା ଡାକ୍ତରଖାନାରେ ୬ଟି ଶଯ୍ୟା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ଟି ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୋଟିଏ ଲେଖାଏଁ ଶଯ୍ୟା ସଂରକ୍ଷିତ ରଖାଯାଇଛି। ଏଥିସହିତ ଡାକ୍ତରମାନଙ୍କୁ ପ୍ରଶିକ୍ଷଣ ଦିଆଯିବା ସହିତ୨୪ ଘଣ୍ଟିଆ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କେବଳ ସେତିକି ନୁହେଁ, ବ୍ୟାପକ ବୃକ୍ଷ ଛେଦନ ଫଳରେ ଅମ୍ଳଜାନର ଅଭାବ ପରିପୂରଣ ପାଇଁ ଆବଶ୍ୟକ ଅନୁସାରେ ଗଛ ନଥିବାରୁ ଦିଲ୍ଲୀ, ମୁମ୍ବାଇ ଆଦି ସହରରେ ଅକ୍ସିଜେନ ପାର୍ଲରମାନ ଖୋଲିଲାଣି ଏବଂ ଦୋକାନ ବଜାରରେ ତଥା ଚୀନର ରାଜଧାନୀ ବେଜିଂରେ ୧୮ ଡଲାରରେ ଏକ ଲିଟର ଅମ୍ଳଜାନ ବିକ୍ରି ହେଲାଣି। ଅନୁରୂପ ଭାବରେ ଦିଲ୍ଲୀ, ମୁମ୍ବାଇ ଆଦି ପ୍ରଦୂଷିତ ସହରମାନଙ୍କରେ ଅକ୍ସିଜେନ ଥଳି ଦୋକାନ ବଜାରରେ ବିକ୍ରି ହେବା ଆରମ୍ଭ ହେଲାଣି। ତେଣୁ ଆଗାମୀ ଦିନରେ ବାହାରକୁ ଗଲେ ଏକ ସଫା ପାଣି ବୋତଲ ସହ ଅକ୍ସିଜେନ ଥଳି ଧରି ଯିବାର ସମୟ ଆସୁଛି। ଆଉ କିଛିବର୍ଷ ପରେ ଦିଲ୍ଲୀ ମୁମ୍ବାଇ ଭଳି ଭୁବନେଶ୍ୱରରେ ମଧ୍ୟ ଅକ୍ସିଜେନ ପାର୍ଲରମାନ ଖୋଲି ଅମ୍ଳଜାନ ବିକ୍ରି ହେବ, ଏହାକୁ ଏଡ଼ାଇ ଦିଆଯାଇ ନପାରେ ? ସମୟ ଆସିବ ଦିନେ ଭୁବନେଶ୍ୱର ଏକ ଉତ୍ତପ୍ତ ସହରର ମାନ୍ୟତା ପାଇବାକୁ ପଛଘୁଞ୍ଚା ଦେବନାହିଁ। ତାପମାତ୍ରା ବୃଦ୍ଧି ଯୋଗୁ କେବଳ ମାନବ ସମାଜ ଯେ, ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ତାହା ନୁହେଁ ସମଗ୍ର ଜୀବଜଗତ ପ୍ରଭାବିତ ହେଉଛନ୍ତି। ଭୁବନେଶ୍ୱରରେ ବୁଲା ଗୋରୁଗାଈ, ପଶୁ, ପକ୍ଷୀ ବହୁ ମାତ୍ରାରେ ପ୍ରଭାବିତ ହେଉଛନ୍ତି। ପାଣି ମୁନ୍ଦିଏ ପିଇବା ପାଇଁ ଏହି ପଶୁପକ୍ଷୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତାପମାତ୍ରା ବୃଦ୍ଧି ଯୋଗୁ ବହୁ ପଶୁପକ୍ଷୀ ମୃତ୍ୟୁମୁଖରେ ପଡୁଛନ୍ତି ଓ ଅଂଶୁଘାତ ଜନିତ ଆକ୍ରାନ୍ତ ଓ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବ। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ କହିବା ଅନୁସାରେ ଅଂଶୁଘାତ ଓ ଗ୍ରୀଷ୍ମପ୍ରବାହ ଜନିତ ଅସୁସ୍ଥତା ଯୋଗୁ ୭୧ଜଣ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି ଅଂଶୁଘାତର ମୁକାବିଲା ପାଇଁ ସବୁ ଡାକ୍ତରଖାନା ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପ୍ରତିଜିଲ୍ଲା ଡାକ୍ତରଖାନାରେ ୬ଟି ଶଯ୍ୟା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ଟି ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୋଟିଏ ଲେଖାଏଁ ଶଯ୍ୟା ସଂରକ୍ଷିତ ରଖାଯାଇଛି। ଏଥିସହିତ ଡାକ୍ତରମାନଙ୍କୁ ପ୍ରଶିକ୍ଷଣ ଦିଆଯିବା ସହିତ୨୪ ଘଣ୍ଟିଆ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କେବଳ ସେତିକି ନୁହେଁ, ବ୍ୟାପକ ବୃକ୍ଷ ଛେଦନ ଫଳରେ ଅମ୍ଳଜାନର ଅଭାବ ପରିପୂରଣ ପାଇଁ ଆବଶ୍ୟକ ଅନୁସାରେ ଗଛ ନଥିବାରୁ ଦିଲ୍ଲୀ, ମୁମ୍ବାଇ ଆଦି ସହରରେ ଅକ୍ସିଜେନ ପାର୍ଲରମାନ ଖୋଲିଲାଣି ଏବଂ ଦୋକାନ ବଜାରରେ ତଥା ଚୀନର ରାଜଧାନୀ ବେଜିଂରେ ୧୮ ଡଲାରରେ ଏକ ଲିଟର ଅମ୍ଳଜାନ ବିକ୍ରି ହେଲାଣି। ଅନୁରୂପ ଭାବରେ ଦିଲ୍ଲୀ, ମୁମ୍ବାଇ ଆଦି ପ୍ରଦୂଷିତ ସହରମାନଙ୍କରେ ଅକ୍ସିଜେନ ଥଳି ଦୋକାନ ବଜାରରେ ବିକ୍ରି ହେବା ଆରମ୍ଭ ହେଲାଣି। ତେଣୁ ଆଗାମୀ ଦିନରେ ବାହାରକୁ ଗଲେ ଏକ ସଫା ପାଣି ବୋତଲ ସହ ଅକ୍ସିଜେନ ଥଳି ଧରି ଯିବାର ସମୟ ଆସୁଛି। ଆଉ କିଛିବର୍ଷ ପରେ ଦିଲ୍ଲୀ ମୁମ୍ବାଇ ଭଳି ଭୁବନେଶ୍ୱରରେ ମଧ୍ୟ ଅକ୍ସିଜେନ ପାର୍ଲରମାନ ଖୋଲଇ ଅମ୍ଳଜାନ ବିକ୍ରି ହେବ, ଏହାକୁ ଏଡ଼ାଇ ଦିଆଯାଇ ନପାରେ ସମୟ ଆସିବ ଦିନେ ଭୁବନେଶ୍ୱର ଏକ ଉତ୍ତପ୍ତ ସହରର ମାନ୍ୟତା ପାଇବାକୁ ପଛଘୁଞ୍ଚା ଦେବନାହିଁ।

କବି ସଚ୍ଚିଦାନନ୍ଦ ରାଉତରାୟଙ୍କ 'ଛୋଟ ମୋର ଗାଁଟି, ଭୂଗୋଳ ପୋଥି ପତରେ ପଛେ ନଥାଉ ତାର ନାଁଟି। ମାଟିର ସେହି ସରଗ ମୋର, ସେଇଟି ଅଛି ମୋ ସଠି ଘର, ଜଳିବ ପୁଣି ସେଇଟି ଶେଷେ ମୋହରି ଚିତା ନିଆଁଟି' କବିତାଟି ଆଜି ମନକୁ ଆନ୍ଦୋଳିତ କରୁଛି। ମଣିଷ ସୃଷ୍ଟି ହେବା ଦିନଠାରୁ ପ୍ରକୃତି ଓ ପରିବେଶ ଯୋଗୁଁ ଆଜି ପର୍ଯ୍ୟନ୍ତ ବଞ୍ଚିରହିଛି। ମାତ୍ର ସାମ୍ପ୍ରତିକ ସମୟରେ ବାୟୁ ଓ ପରିବେଶ ପ୍ରଦୂଷଣ ମାନବ ସଭ୍ୟତା ଓ ଜୀବଜଗତ ପାଇଁ ଏକ ବଡ଼ ସମସ୍ୟା ସୃଷ୍ଟି କରିଛି। ଫଳରେ ଛଅ ଋତୁ ଆଜି ସାତ ସପନ ଏବଂ ଗ୍ରୀଷ୍ମଋତୁରେ ଭୁବନେଶ୍ୱରରେ ମାତ୍ରାଧିକ ତାପମାତ୍ରା ବୃଦ୍ଧି ପାଉଛି। ଜନସଂଖ୍ୟା ବୃଦ୍ଧି, ଅଧିକ ସଂଖ୍ୟାରେ ଗାଡ଼ିମୋଟର ଚଳାଚଳ, ଖଣି ଖନନ, ଶିଳ୍ପ ଓ କୋଠାବାଡ଼ି ନିର୍ମାଣ ଯୋଗୁଁ ବାୟୁ ପ୍ରଦୂଷଣ ଓ ତାପମାତ୍ରା ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି। ଏବେ ମଣିଷ ପ୍ରକୃତିକୁ ଧ୍ୱଂସ କରିବାକୁ ଲାଗିଥିବାରୁ ଜଳବାୟୁ ପରିବର୍ତ୍ତନ ପରି ଭୟଙ୍କର ସ୍ଥିତିକୁ ସାମନା କରୁଛି। ଖରା, ବର୍ଷା, ଭୂସ୍ଖଳନ, ମରୁଡ଼ି, ବାତ୍ୟା ଆଦି ବୃଦ୍ଧି ପାଉଛି। ଓଡ଼ିଶାକୁ ପ୍ରକୃତି ଖଣି, ନଦୀ, ସମୁଦ୍ର, ଜଙ୍ଗଲ ଓ ଉର୍ବର ଜମି ଆଦି ବରଦାନ ଦେଇଛି। ତେବେ ଏହା ସହିତ ବନ୍ୟା, ମରୁଡ଼ି, ବାତ୍ୟା ପ୍ରାକୃତିକ ବିପତ୍ତି ମଧ୍ୟଦେଇଛି। ପ୍ରାକୃତିକ ସମ୍ପଦର ସଦ୍‌ବ୍ୟବହାର କରି ଭଲ ଭାବେ ବଞ୍ଚି ରହିବା ପାଇଁ ପ୍ରାକୃତିକ ବିପର୍ଯ୍ୟୟକୁ କିପରି ମୁକାବିଲା କରିହେବ ତାହା ସାଧାରଣ ଜନତାଙ୍କ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି।

ପ୍ରକୃତି ଓ ପରିବେଶକୁ ବଞ୍ଚାଇ ରଖିବା ପ୍ରତ୍ୟେକ ବ୍ୟକ୍ତିର ମୌଳିକ କର୍ତ୍ତବ୍ୟ। ବିଭିନ୍ନ କାରଣରୁ ବାୟୁ ପ୍ରଦୂଷଣ ଓ ପରିବେଶ ପ୍ରଦୂଷଣ ବୃଦ୍ଧି ପାଇଥାଏ। ତେଣୁ ଏହିସବୁ ପ୍ରଦୂଷଣରୁ ରକ୍ଷା ପାଇବାକୁ ହେଲେ ପର୍ଯ୍ୟାପ୍ତ ପରିମାଣରେ ବୃକ୍ଷରୋପଣ କରି ତାର ଯତ୍ନ ନେବା ସହିତ ସଠିକ୍ ଭାବେ ବର୍ଜ୍ୟବସ୍ତୁ ପରିଚାଳନା କରିବା ଦରକାର। ଏଥିପାଇଁ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ଓ ସାଧାରଣ ଜନତାଙ୍କ ସମର୍ଥନ ରହିବା ଜରୁରୀ। ମାତ୍ର ପ୍ରଶାସନ ଓ ସାଧାରଣ ଜନତାଙ୍କ ଆନ୍ତରିକ ସହଯୋଗ ଓ ସହମତି ଅଭାବରୁ ଦିନକୁ ଦିନ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି। ବିଶ୍ୱର ସର୍ବାଧିକ ଜନବସତି ସହର ଜାପାନର ରାଜଧାନୀ ଟୋକିଓରୁ ଫେରିଯାଇ ଗ୍ରାମାଞ୍ଚଳରେ ସ୍ଥାୟୀ ଭାବରେ ବସବାସ କରିବାକୁ ଜାପାନ ସରକାର ସେଠାକାର ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଯେଉଁମାନେ ଏହି ନିୟମକୁ ପାଳନ କରି ଟୋକିଓରୁ ଯାଇ ଗ୍ରାମାଞ୍ଚଳରେ ସ୍ଥାୟୀ ଭାବରେ ବସତି ସ୍ଥାପନ କରିବେ ସେମାନଙ୍କୁ ମୁଣ୍ଡପିଛା ଆର୍ଥିକ ସହାୟତା ଦେବାକୁ ମଧ୍ୟ ଘୋଷଣା କରିଛନ୍ତି। ତେଣୁ ବାୟୁ ପ୍ରଦୂଷଣ ଯୋଗୁଁ ସମୟ ଆସିବ କବି ସଚ୍ଚିଦାନନ୍ଦ ରାଉତରାୟଙ୍କ 'ଛୋଟ ମୋର ଗାଁଟି, ଭୂଗୋଳ ପୋଥି ପତରେ ପଛେ ନଥାଉ ତାର ନାଁଟି' କବିତାକୁ ମନେ ପକାଇ, ଆମ ଦେଶର ବଡ ବଡ଼ ସହରମାନଙ୍କରେ ବସବାସ କରୁଥିବା ସାଧାରଣ ଜନତା ଦିନେ ସ୍ୱତଃପ୍ରବୃତ୍ତ ଭାବେ ଜନ୍ମମାଟିକୁ ଫେରିଯାଇ ଗାଁରେ ସ୍ଥାୟୀ ଭାବରେ ବସତି ସ୍ଥାପନ କରିବେ ସେ ସମୟ ଏବେ ଉପନୀତ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : **ଜୟାଶୀଷ ରାୟ**



## ଅରଣ୍ୟରୁ ଜ୍ଞାନ-୬

### ଅଶୋକ ବିଶ୍ୱାଳ

କିଛି ଆଗରୁ
ଦିନମାନଙ୍କର ତୀବ୍ର ଦୌଡ଼ ଥିଲା
ଦେଖଣାହାରୀମାନେ
ଉତ୍ସାହରେ ଚିତ୍କାର କରିଚାଲୁଥିଲେ
ତେଣୁ,
କେଉଁଠି ଟିକେ ଅଟକି ପାରି ତ ନଥିଲି
ବାଲିର ରେଣୁପରି
ମୁହୂର୍ତ୍ତମାନ ଆଙ୍ଗୁଳିରୁ ଖସିଯାଇଥିଲା ।

ଆଜି,
ମହା ଅରଣ୍ୟର
ନିଶ୍ଚିତ ନୀରବତାର ଭିତରେ
ଅଟକି ଯିବାକୁ ସମୟ ଯେ ଅଛି,
କିଛି ଖୋଜିବାକୁ
ସାଥେ ପୁରୁଣା ଦିନମାନ
ଖୋଲାରେ ନାଚି ଯେ ଅଛନ୍ତି ।

ମହାବିଶାଳ ବୃକ୍ଷମାନଙ୍କୁ ଅତି
ପାଖରୁ ଦେଖିଲି
ଋଷି ଭଳି ସନ୍ତୁଳନରେ
ଠିଆ ହୋଇଥିଲେ
ନୀରବରେ ଆକାଶକୁ ଛୁଇଁଛନ୍ତି,
ଅହଂର ନୃତ୍ୟ ନାହିଁ
ଦେଖଣାହାରୀ ପାଇଁ
ନିଜ ଗତି ସେମାନେ ବଦଳାଉ
ତ ନଥିଲେ
ବୁଝିଲି, ଜଙ୍ଗଲର ବୃକ୍ଷପରି
ଆଶାକୁ ଛାଡି
ସ୍ଥିର ହୋଇ ଆକାଶକୁ
ଦେଖିବାର ଅଛି ।

ଅପର୍ଯ୍ୟାପ୍ତ ଫୁଲ ଫଳ
ବୃକ୍ଷମାନଙ୍କରେ ଥିଲା
ତଳେ କିଛି ପଡ଼ିଥିଲା,
କିଛି ପଶୁ ପକ୍ଷୀ ଖାଉଥିଲେ
ବୁଝିଲି, ଫଳ ଫୁଲ ଦେଇ
ଅନ୍ୟ ଜୀବନରେ ଆନନ୍ଦ
ଆଣିବାର ଅଛି
ଅନ୍ୟର ଖୁସିରେ,
ନିଜେ ଖୁସି ହେବାର ତ ଅଛି
ବାଟରେ ଦେଖଣାହାରୀର
ଆବଶ୍ୟକ ନାହିଁ
ଜୀବନର ଅରଣ୍ୟ ଦୌଡ଼ରେ
କେବଳ ହସିବାର ଅଛି ।

ଲୋକକୁହା ଜଣା ଠିକଣା
ଆଉ ଖୋଜିଲିନି
ପାଖର କିଛି ମୁହୂର୍ତ୍ତକୁ ମୁଁ
ହାତରେ ଧରିଲି
ପ୍ରକୃତି କୋଳରେ ପ୍ରଶାନ୍ତିର ଉପହାର
ସେତିକି ନେଇ ଆଗକୁ ବଢ଼ିଲି ।

କେତୋଟି ନୀରବ ଖୋଜ ପରେ
ଆଉ କିଛି ମହାବୃକ୍ଷ ମୁଁ ପାଇଲି
ମଝିରେ କାହାକୁ ଅପେକ୍ଷା ନକରି
ଏଯାଏଁ ଆସିଯାଇଛନ୍ତି
ବୁଝିଲି,
ଜୀବନରେ ପ୍ରତୀକ୍ଷାର ଆବଶ୍ୟକ ନାହିଁ
ପଥ ପ୍ରଦର୍ଶକ ପାଇଁ ଭାଳିହେବା ନାହିଁ
କେଉଁଠି ଅଟକିବାର ନାହିଁ,
କେବଳ ଚାଲିବାର ଅଛି ଆ
ମୋ ପାଇଁ
ଏହା ଥିଲା ସମୟର ପରିକ୍ଷିତ ସତ୍ୟ
ଅରଣ୍ୟର ମାର୍ମିକ ମତ
ମୋ ହୃଦୟ ମାନିନେଇଥିଲା ।

## ବୈଶାଖ

### ରତ୍ନକାନ୍ତି ମିଶ୍ର

କାଳିସୀ ମନ୍ତ୍ରରେ ଆମନ୍ତ୍ରିତ ଏବେ ଧରା ପରେ ଏ ନିଦାଘ
କୋଣେ ଅନୁକୋଣେ ଗୁଞ୍ଜରିତ ହୁଏ ବେସୁରା ରୌଦ୍ର ରାଗ,
ପତର ବିହୀନ ପାଦପ ଶାଖାରେ ବସିଛି ନିଦକ ଖରା
କରାଳ ସାଜୁଛି କାଳବୈଶାଖୀ ଭୟ ଗ୍ରାସେ ସସାଗରା ।।

ଜଳୁଛି ସହର ଗାଆଁ ତୋଟାମାଳ ଖଇ ଫୁଟା ଖରା ଖାଇ
କଳାପାହାଡ଼ ସେ ବିକଟାଳ ହସେ ସତେ ଏକ ଆତତାୟୀ,
ଖୁସିରେ ଖେଳୁଛି ଆଗ୍ନେୟ ପେଣ୍ଡୁରେ ହେଉ ନହେଉ ସକାଳ
ବୁଝୁଛି କି ସିଏ ! ତାକୁ ସିନା ଖେଳ ସୃଷ୍ଟି ପାଇଁ ମହାକାଳ ।।

ଫୁଲ ପାଖୁଡ଼ାରେ ମାର୍ତ୍ତଣ୍ଡ ପରଶ ମାୟାବୀ ଖରାର ଚୁମା
କ୍ଳାନ୍ତ ଅପରାହ୍ନେ ପବନ ଆଳାପେ ମୃଦୁ ମୃଦୁ ସାରେଗାମା,
ତୁଚ୍ଛାକୁ ଦେଇଛି କୃଷ୍ଣଚୂଡ଼ା ମନେ ପେନ୍ଥି ପେନ୍ଥି ତୃଷ୍ଣା ଭରି
ବିରହେ ସଲ୍ଲଜ ଶୋଷଟେ ଶୋଇଛି ସତେକି ଗୁମାନ କରି ।।

ବୁକୁତଳେ ଚାପି ଦାରୁଣ ଯାତନା ମୁଖେ ହସ ରଖେ ମାଟି
ସହିଯାଏ ସବୁ, ବଇଶାଖ ପରା ଦେବ ମଉସୁମୀ ଭେଟି ।।

ଆଳି, କେନ୍ଦ୍ରାପଡ଼ା





## ସନ୍ତ୍ରାସବାଦ

### ଡ. ଦୀପକ କୁମାର ମିଶ୍ର



ତମେ ଧରି ଆସିଲ
ଗୋଟେ ହାତରେ ଶସ୍ତ୍ର,
ଅନ୍ୟହାତରେ ଶାସ୍ତ୍ର
ମୁଁ ସହିଲି
ମନକୁ ବୁଝେଇଲି
ବସୁଧୈବ କୁଟୁମ୍ବକମ୍ ।

ତମେ ଲୁଣ୍ଠିଲ ମାଟି, ମର୍ଯ୍ୟାଦା
କବଳିତ କଲ
ଦେଶ, ଦେହ, ଦପ୍ତର
ବାଇନେଟ ମୁନରେ ବାନ୍ଧି
ବିଦାରିଲ ଧର୍ମ
ମୁଁ ଚୁପ ରହିଲି
ଭାବିଲି ସହନଶୀଳତା
ମୋର ସହଯାତ କର୍ମ ।

କହିଲ, କେଉଁ ଧର୍ମଗ୍ରନ୍ଥରେ ଲେଖାଅଛି
ମଣିଷ ରକ୍ତରେ ବୋଳାହୁଏ
ଦିଅଁ ଓ ଦେଉଳ,
ଛି, କାପୁରୁଷତାର କଦର୍ଯ୍ୟ ହାତରେ
ଗୁଳିକର ସଧବା ସିନ୍ଦୁର ।

ହେ ବିଦ୍ୱେଷୀ ଧର୍ମାନ୍ଧ ଦାନବ
ଯେଉଁ ଥାଳିରେ କରୁଛ ଭୁଞ୍ଜନ
ସେଇଠି ହିଁ ଭରିଦିଅ
ହଳାହଳ ବିଷର ବ୍ୟଞ୍ଜନ ।

ଭୁବନେଶ୍ୱର
ମୋ-୮୨୮୦୨୧୧୦୦୦

## ଜରାନିବାସ

### ଅନସୂୟା ପଣ୍ଡା

ମୋ ଚାରିକାନ୍ଥରେ
କରୁଣ ବିଳାପର
ବୁକୁ ଫଟା ଚିତ୍କାର
କାନ୍ଦଣା ଅବସୋସର
କୁଡ଼କୁଡ଼ କଙ୍କାଳ ଆଶାର
ଛିନ୍ନ ବୀଣାର ଆହତ ସ୍ୱର
ହଜିଥାଏ ସୁଖର ଆସର ।
ଢଳଢଳ ଉଦାସୀନତାର ସ୍ଥିରଚିତ୍ର
ନିରବତା ଖାଉଥାଏ କୂଳ
ଯେତିକି ପ୍ରୌଢର ସେତିକି ମୋର
ସ୍ନାୟୁରେ ମନ୍ଥର ସ୍ୱର ନିର୍ବାସନର
ମୁହଁରେ ବିବସ୍ତ୍ର ଋତୁମାନଙ୍କର
ଉପହାସର ମଳିନ ପ୍ରହର ।

ମୁଁ ଦେଖିଛି ଛଦ୍ମବେଶୀ ସନ୍ତାନର
ନିର୍ମମ ବ୍ୟବହାର ଆକାଶେ
ମମତା ଉପରେ ବୁଲଡୋଜର
ବିଶ୍ୱାସର ଶାଳଗ୍ରାମ ପଥର ହେବାର
ଢୋକ ଢୋକ ଅନିଚ୍ଛାକୁ ଗିଳି
ବିନାବାକ୍ୟରେ ଲୁହର ଗୁହାରି
କପୋତ କପୋତିଙ୍କର
ଆହାତ ଗୋଧୂଳି ।

ଖୋଜି ଖୋଜି ଆପଣାକୁ
ଉଜାଗର କେତେ ରାତି
ଅପେକ୍ଷାରେ ଶୁଭି ଯାଏ ଚିହ୍ନା ସ୍ୱର
ସଜେଇ ଥାଏ ଆଶା
ଫେରେଇ ନେବାକୁ ଆସିବ ନିଶ୍ଚେ
ଧନ ତାହାର ।



ଅସହାୟତାକୁ ବାଣ୍ଟନ୍ତିନି
କାହା ସାଥେ
ଅଟକାଇ ନିଅନ୍ତି ଲୁହକୁ
ଉଦାସି ହସକୁ ନାଇ
ଘର କଥା ପଦାରେ ପଡିବ ବୋଲି
ଅସ୍ପୃଶ୍ୟତା ଛୁଇଁବା ପରେବି
ଭାଙ୍ଗି ନଥାଏ ମୋହର ପାଚେରି ।
ଚା' କପେ ପାଇଁ ପ୍ରତୀକ୍ଷା ଘଡି ଘଡି
ସବୁ କାମ ଠିକ୍ ଚାଲିଥାଏ
କେବଳ ଅଣଦେଖା ଥାଏ ବାର୍ଦ୍ଧକ୍ୟର
ଅସହାୟ ଅଳି ଓ ଅର୍ଦ୍ଦଳି ।

ସାରା ଜୀବନ ଖର୍ଚ୍ଚ ହୋଇଥାଏ
ଯେଉଁ ଘର ପାଇଁ
ସେ ବି କହିଦିଏ ଦିନେ
ଆଉ ତୋ'ର ଆବଶ୍ୟକ ନାହିଁ ।
ଜରାନିବାସ କୋହରେ ଆଉଟି ହୁଏ
ନିଜ ଉପସ୍ଥିତିର ଶୋକ ନେଇ
ପଚାରୁଥାଏ ସମାଜକୁ
ଏ ନିର୍ମମତାର
ଉଚ୍ଛେଦ ହେବ କେବେ
ସ୍ପନ୍ଦିତ ଅସହିଷ୍ଣୁତାରେ
ମମତାର ସ୍ପର୍ଶ ଦେଇ ? ? ?

ବୁର୍ଲା, ସମ୍ବଲପୁର
ମୋ-୮୩୨୮୯୪୫୮୮୫

## ଟୋପାଏ ବାସ୍ନା

### ମଦନ ମୋହନ ମହାପାତ୍ର

କିଛି ଉତ୍ତର ମିଳେନି ଶବ୍ଦରେ...
ବେଳେ ବେଳେ କହିବା କହିବା ଭଳି
ଉଦ୍ୟତ ଓଠ ହଲିଲା ଭଳି ଲାଗେ ।
ଧୀରେ, ଧୀରେ ଉଡୁଥାଏ
କେରା କେରା କେଶ,
ସୁଲସୁଲିଆ ନଈ କୂଳ ପବନରେ,
କାଶତଣ୍ଡୀ ଫୁଲ ଭଳି..

ଧନୁରୁ ନିକ୍ଷେପିତ ତୀର,
ଫେରି ଆସେ ତୁଣୀରକୁ-
ଅବିଦ୍ଧ...
ଯଦିଓ,
ଲାଗୁଥାଏ ଛାତି
ଛୁଇଁଲା, ଛୁଇଁଲା ଭଳି ।

ମାପିବାକୁ ହୁଏ ପବନର ବେଗ,
ମନର ତରଙ୍ଗ ।
ହଁ କି ନା ?
ଭାବିବାକୁ ହୁଏ

ତୀରରୁ ଆସୁଥାଏ
ଆଦ୍ୟ ଆଷାଢ଼ର ଭିଜା ମାଟିର ବାସ୍ନା...
ଏଇଥର,
ତୀର ନିଶ୍ଚିତ ପହଁରିଯିବ
ସେ ନୀଳ ନଈର ଜ୍ୟୋତ୍ସ୍ନା ।

ନା... ଆଉ ନୁହଁ...
ଦୂରତା ବଢିଗଲା ଭଳି ଲାଗେ...
ଧନୁ ତଳେ ଥୋଇ ଦେଇ,
ସବୁଜ ଘାସ ଉପରେ ଶୋଇ ଶୋଇ,
ଶୂନ୍ୟ ଆଖି ଆକାଶକୁ ଦେଖେ...
କେତେ ଦିନ ବିତିଯାଏ,
ବିତେ କେତେ ରାତି...
ହଠାତ୍,
ମେଘ ଫାଙ୍କରୁ ଉଙ୍କି ମାରେ
ପୁନେଇଁର ଇନ୍ଦୁ
ଖୋଲା ଥାଏ ଛାତି...

ଭିଜା ମାଟିର ସେଇ ବାସ୍ନା,
ପବନରେ ଆସେ...
ଘାସ ଉପରେ ଢଳଢଳ
କୁନି ଲୁହ ବିନ୍ଦୁରେ-
ଛବି ତାର ଦିଶେ ...

## କାହିଁକି ଏମିତି କଲ

### ଦୀପକ କୁମାର ନାୟକ

ଅଜଣା ଥିଲି ମୁଁ ଅଜଣା ରାଇଜେ
ଅଜଣା ଥିଲା ମୋ ବାଟ
ଯେବେଠୁ ଆସିଲୁ ଜୀବନରେ ମୋର
ଲାଗେ ସବୁ ଫୁଲ ହାଟ ।।
ଭାଙ୍ଗିଦେଲୁ କାହିଁ ହୃଦୟକୁ ମୋର
ପ୍ରତି ମୂହୁର୍ତ୍ତରେ ମରେ
ସବୁବେଳେ ତୋର କଥା ଭାବି ଭାବି
ଆଖି ମୋର ନୀତି ଝୁରେ ।।
କାହିଁକି ଲୋ ମୋତେ ଛାଡି ଚାଲିଗଲୁ
ହୃଦୟର ରାଣୀ ମୋର
ଶୁନ୍‌ଶାନ୍ ଜାଗାରେ ବସି ଚାହିଁଛି ମୁଁ
ଫେରିବା ବାଟକୁ ତୋର ।।
ଆଖି ମୋ କାନ୍ଦୁଛି ଦେହବି ଜଳୁଛି
ଖୋଜୁଛି ହୃଦୟ ମୋର
କାଇଁ ହେଉ ଏତେ ନିର୍ଦ୍ଦୟ ଲୋ ପ୍ରିୟା
ଧୋକ୍କା ଦେଉ ବାରମ୍ବାର ।।
ବୁଝିଯା ଥରେ ମୋ ହୃଦୟ ବେଦନା
ବୁଝେଇ ଯାଆଲୋ ମୋତେ
କେମିତି ବଞ୍ଚିବି ଏଇ ଦୁନିଆଁରେ
ଛାଡିକି ପ୍ରିୟା ମୁଁ ତୋତେ ।।
ତୁମେ ସିନା ମୋତେ ଭୁଲିଗଲ ଧନ
ଭୁଲି ପାରେନାହିଁ ମୁହିଁ
ତୁମ ମନେ ଯଦି ଭୁଲିବାର ଥିଲା
ଭଲପାଉଥିଲ କାହିଁ ।।
ଖୁସିରେ କଟୁଛି ଦିନ ସିନା ତୋର
ଦୁଃଖରେ କଟେ ମୋ ଦିନ
ଭଲପାଇବାର ପ୍ରତାରଣା କରି
ଭାଙ୍ଗିଦେଲୁ ମୋର ମନ ।।

ଗଣ୍ଡାନାଳୀ, ହିନ୍ଦୋଳ, ଢେଙ୍କାନାଳ
ମୋ-୮୬୩୭୨୬୧୮୨୮



## ଛାତି ତଳର କୋହ-୧



### ବିଷ୍ଣୁ ପ୍ରସାଦ ଦାସ



ସମୟ ରାତ୍ରି ୯.୩୦ ମଧୁମିତା ଏବଂ ତାର ସ୍ୱାମୀ ଅନୁପମ ରାୟ ଜିନିଷ ପତ୍ର ଧରି ହାଓଡ଼ା ଷ୍ଟେସନ୍‌ର ୯ ନମ୍ବର ପ୍ଲାଟ୍‌ଫର୍ମରେ ପହଞ୍ଚି ଯାଇଥିଲେ । କିଛି ସମୟ ପୂର୍ବରୁ ପ୍ଲାଟ୍‌ଫର୍ମରେ ହାଓଡ଼ାରୁ କାଲ୍‌କା ଗାମୀ ମେଲ୍ ଟ୍ରେନ୍‌ଟି ଛିଡା ହୋଇଛି, ବାତାନୁକୂଳିତ ଏ-୧ ନମ୍ବର ବଗିରେ ମଧୁମିତା ଏବଂ ଅନୁପମ୍ ନିଜ ଆସନରେ ଯାଇ ବସିଗଲେ । ତାଙ୍କର ଗନ୍ତବ୍ୟ ସ୍ଥଳ ହାଓଡ଼ା ଠାରୁ କାଲ୍‌କା ପର୍ଯ୍ୟନ୍ତ ଥିଲା । ସେଠାରୁ ସେମାନେ କାର୍ ଯୋଗେ ସିମ୍‌ଲା ଯାଇ କିଛିଦିନ ଛୁଟି କଟାଇ ଆସିବେ । ଟ୍ରେନ୍ ତାର ନିର୍ଦ୍ଧାରିତ ସମୟରେ ହାଓଡ଼ା ଷ୍ଟେସନ୍ ଛାଡି ଆଗେଇ ଚାଲିଲା । ରାତ୍ରି ବଢିବା ସହିତ ଦୁଇଜଣଙ୍କ ଆଖିରେ ନିଦ ଆସି ଯାଇଥିଲା । ତାଙ୍କ ସାମ୍ନା ବର୍ଥ ଦୁଇଟି ଖାଲି ଥିଲା ବୋଧ ହୁଏ ଅନ୍ୟ ଷ୍ଟେସନରେ କେହି ଯାତ୍ରୀ ଚଢି ପାରନ୍ତି । ଦୁହେଁ ବିଛଣା ପତ୍ର ସଜାଡି ଶୋଇବାକୁ ଉପକ୍ରମ କରୁଥିଲେ । ରେଳ ଗାଡିଟି କ୍ଷିପ୍ର ଗତିରେ ତାର ଗନ୍ତବ୍ୟ ପଥରେ ଆଗେଇ ଚାଲିଛି । କିଛି ସମୟ ପରେ ଦୁହେଁ ସ୍ୱପ୍ନ ରାଇଜରେ ନିଜକୁ ହଜାଇ ଦେଇଥିଲେ ।

ଚା', ଚା', ଗରମ ଚା' ଡାକରେ ଅନୁପମ୍ ଉଠିପଡ଼ି ନିଜ ଘଣ୍ଟାକୁ ଦେଖି ଜାଣିଲା ସମୟ ୫.୩୦ ଏବେବି ବାହାରେ ଅନ୍ଧାର ଅଛି । ମନେ ମନେ ଗୁଣୁଗୁଣୁ ହୋଇ ଏଇ ବୁଲା ବିକାଳୀ ମାନଙ୍କୁ ଟିକେ ରାଗୁଥିଲା । ଏମାନଙ୍କର ସମୟ ଜ୍ଞାନ ନାହିଁ କିମ୍ବା ରେଳ ବିଭାଗର କୌଣସି ନିୟମ ଏମାନେ ମାନନ୍ତି ନାହିଁ । ନିଜ ବ୍ୟବସାୟ ପାଇଁ ଏମାନେ ଯାତ୍ରୀଙ୍କୁ ଅସମୟରେ ନିଦ୍ରାରୁ ଉଠାଇ ଦିଅନ୍ତି । ଅନୁପମର ନଜର ମଧୁମିତା ଆଡେ ଟିକେ ପଡିଲା । ମଧୁମିତା ଶାନ୍ତିରେ ଶୋଇ ଶୋଇ ରେଳ ଯାତ୍ରାର ମଜା ନେଉଥିଲା । ସାମ୍ନା ବର୍ଥରେ ମଧ ଯାତ୍ରୀ ଶୋଇଛନ୍ତି । ଅନୁପମ ବାଧ୍ୟ ହୋଇ ଆଉ ଟିକେ ଶୋଇବାକୁ ଚେଷ୍ଟା କରୁଥିଲା । ପ୍ରାୟ ଅଧ ଘଣ୍ଟା ପରେ ଗୋଟିଏ ଷ୍ଟେସନ୍ ଆସିଲା । ଯାତ୍ରୀଙ୍କ କୋଳାହଳରେ ମଧୁମିତା ଉଠିପଡ଼ି ବାଥ୍ ରୁମ୍ ଆଡକୁ ଆଗେଇ ଗଲା । ପ୍ରାୟ ୫ ମିନିଟ୍ ପରେ ଫେରି ଅନୁପମଙ୍କୁ ଡାକିଲା 'ହେ, ଶୁଣୁଛ, ଉଠ ସକାଳ ହୋଇ ଗଲାଣି' ଅନୁପମ ଉଠିପଡ଼ି ବାଥ୍ ରୁମ୍ ଆଡକୁ ଯିବା ସମୟରେ ସାମ୍ନା ବର୍ଥ ଆଡକୁ ଟିକେ ଚାହିଁ ଦେଲା । ତଳ ବର୍ଥରେ ୬/୭ ବର୍ଷର ଛୋଟ ଝିଅଟିଏ ଶୋଇଛି, ବୋଧ ହୁଏ ଉପରେ ତା'ର କେହି ଆତ୍ମୀୟ ସ୍ୱଜନ ଶୋଇଥିବେ । କିଛି ସମୟ ପରେ ବାଥ୍ ରୁମ୍‌ରୁ ଫେରି ଦେଖିଲା ସାମ୍ନା ବର୍ଥରେ ଛୋଟ ଝିଅଟି ସହିତ ହୁଏତ ତାର ମା' ବସିଛନ୍ତି । ଟିକେ ଦୋ ଦୋ ଚିହ୍ନା ହୋଇ ପଚାରିଲା ଆପଣ କ'ଣ ଶୁଭ୍ରା ? ମହିଳା ଜଣକ ଚମକି ଉଠି କହିଥିଲେ ଆରେ ଅନୁପମ୍ ଦା, ଆପଣ ? ପ୍ରାୟ ଆଠ ବର୍ଷ ପରେ ଦେଖା, କଣ ଖବର କୁହନ୍ତୁ ? ଅନୁପମ୍ କହିଲେ ହଁ ଶୁଭ୍ରା ମୁଁ ସପରିବାର ସିମ୍‌ଲା ବୁଲିବାକୁ ଯାଉଛି । ଏ ହେଉଛନ୍ତି ମୋର ସ୍ତ୍ରୀ ମଧୁମିତା । ମଧୁମିତା ଏବଂ ଶୁଭ୍ରା ଦୁହେଁ ଦୁହିଁଙ୍କୁ ଦେଖି ଟିକେ ହସିଦେଇ ନମସ୍କାର କଲେ ।

ଅନୁପମ୍ ମଧୁମିତାଙ୍କୁ ଚାହିଁ କହିଲେ ଜାଣିଛ ମଧୁମିତା ଆଜିକୁ ପ୍ରାୟ ଦଶବର୍ଷ ତଳେ ମୁଁ ମୋର ପ୍ରଥମ ଇଞ୍ଜିନିୟର୍ ଚାକିରି ଦୁର୍ଗାପୁରରେ ଆରମ୍ଭ କରିଥିଲି ଆଉ ସେତେବେଳେ ଶୁଭ୍ରା ଘର ନିକଟରେ ଗୋଟିଏ ପେୟିଙ୍ଗ ଗେଷ୍ଟ ହଷ୍ଟେଲ୍‌ରେ ପ୍ରାୟ ଦୁଇବର୍ଷ ବିତାଇଛି । ଶୁଭ୍ରାଙ୍କ ପରିବାର ଖୁବ୍ ମେଳାପୀ । ମାଉସୀ, ମଉସା ଶୁଭ୍ରା ଆଉ ତାର ବଡ଼ ଦିଦି ଅଲିଭା ଖୁବ୍ ମାର୍ଜିତ, ଶିକ୍ଷିତ ତଥା ରକ୍ଷଣଶୀଳ ବ୍ରାହ୍ମଣ ପରିବାର । ମଉସା ଜଣେ ଆଗ ଧାଡ଼ିର ପୁସ୍ତକ ପ୍ରକାଶକ ଏବଂ ବିକ୍ରେତା ତାଙ୍କର ଖୁବ୍ ବଡ଼ ପୁସ୍ତକ ଦୋକାନ ଅଛି । ମଧୁମିତା ସବୁ ଶୁଣି ଯାଉଥିଲା ତା ମୁହଁରେ କୌଣସି ପ୍ରତିକ୍ରିୟା ନାହିଁ କି ସେ ଅନୁପମର ଅତୀତକୁ କେବେ ରୋମନ୍ଥନ କରିବାକୁ ଇଛା କରିନାହିଁ କି କରିବାର ଅପଚେଷ୍ଟା କରିବ ନାହିଁ ବୋଲି ଅନେକ ବର୍ଷ ଆଗରୁ ଶପଥ ନେଇଛି । ସନ୍ଦେହ, ଅହଙ୍କାର, ଅସହିଷ୍ଣୁ ମନୋଭାବ ଅଧିକାଂଶ ସମୟରେ ସୁଖୀ ଦାମ୍ପତ୍ୟ ଜୀବନକୁ ଧ୍ୱଂସ କରିଦେଇ ଅନୁତାପ ପାଇଁ କେବଳ ଦୁଃଖ ଆଉ ଆଖିର ଅସରନ୍ତି ଲୁହ ରଖିଦେଇଥାଏ । ମଧୁମିତା ପାଞ୍ଚ ବର୍ଷର ବିବାହିତ ଜୀବନରେ ଅନୁପମ୍ ଠାରୁ ଅନେକ ସ୍ନେହ, ମମତା, ଆତ୍ମୀୟତା, ପ୍ରେମ ପାଇଛି । ଅନୁପମ୍ ପରି ସ୍ୱାମୀଟିଏ ପାଇ ସେ ନିଜକୁ ଗର୍ବିତ ମନେ କରେ । ଅନୁପମ୍ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭାବେ କଲିକତାରେ କାର୍ଯ୍ୟରତ । ହଁ, ମଧୁମିତା ମନରେ ଗୋଟିଏ ଦୁଃଖ ରହିଯାଇଛି ତାହା ହେଲା ବିବାହର ପାଞ୍ଚ ବର୍ଷ ପରେ ମଧ ସେ ମା' ହେବାର ସୌଭାଗ୍ୟ ଲାଭ କରିପାରିନାହିଁ । ଅନେକ ଡାକ୍ତର ଦେଖାଇଛି ଔଷଧ ଖାଇଛି । ଦେବାଦେବୀଙ୍କୁ ମାନସିକ କରିଛି କିନ୍ତୁ ତାର ମନୋସ୍କାମନା ପୂର୍ଣ୍ଣ ହୋଇପାରିନାହିଁ । ମଧୁମିତା ଖୁବ୍ ଛୁଆ ରଙ୍କୁଣି । ଛୋଟ ଛୁଆ ମାନଙ୍କୁ ସେ ଖୁବ୍ ଆଦର କରେ । ଅନୁପମ୍ ସ୍ତ୍ରୀ ଦୁଃଖରେ ସମଦୁଃଖୀ । ଗାଡି, ଘର, ଚାକର ବାକର ସବୁ ଅଛି କିନ୍ତୁ ଘରଟି ସନ୍ତାନ ବିନା ମଧୁମିତାକୁ ଖୁବ୍ ଖାଁ ଖାଁ ଲାଗେ । ସମୟ ସରେନାହିଁ । କଥାରେ ଅଛି 'ସୁନା ଥିଲେ କାନ ନାହିଁ ଆଉ କାନ ଥିଲେ ସୁନା ନାହିଁ' । ଦୁଇଜଣ ଏବେ ସିମ୍‌ଲା ବୁଲିବାକୁ ଯାଉଛନ୍ତି ହୁଏତ ମଧୁମିତା ସନ୍ତାନ ଜନିତ ଦୁଃଖକୁ କିଛିଦିନ ପାଇଁ ଭୁଲିଯାଇପାରିବ । ଅନୁପମ ଅନେକ ସମୟରେ ରାତିରେ ଶୋଇପାରେନାହିଁ । ମଧୁମିତାର ଗୁମୁରି ଗୁମୁରି କାନ୍ଦି ତାର ତକିଆକୁ ଭିଜେଇ ଦିଏ । ଅନୁପମ ଅନେକ ବୁଝାଇବାକୁ ଚେଷ୍ଟା କରେ ଆଦର କରେ କିନ୍ତୁ ମଧୁମିତା ଶାନ୍ତ ହେବା ପରିବର୍ତ୍ତେ କଇଁ କଇଁ ହୋଇ କାନ୍ଦେ । ନିଜର ନାରୀତ୍ୱକୁ ଧିକ୍କାର କରେ । ସେହି ସମୟ ଅନୁପମ୍ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ସମୟ ଥାଏ ସେ ମଧ ନିଜର କୋହ ସମ୍ଭାଳି ପାରେନାହିଁ । ମଧୁମିତା ପାଇଁ ଭଗବାନଙ୍କୁ ଅନ୍ତରରୁ ପ୍ରାର୍ଥନା କରେ ଏବଂ ଆଶା ମଧ ରଖିଛି ଯେ ଭଗବାନ ଦିନେ ନା ଦିନେ ତାଙ୍କ ଦୁଃଖ ଶୁଣିବେ ।

କିଛି ସମୟ ପରେ ଅନୁପମ ଶୁଭ୍ରାକୁ ପଚାରିଲା ଶୁଭ୍ରା, ଘରେ ସମସ୍ତେ କେମିତି ଅଛନ୍ତି ? ଅନେକ ଦିନ ହେବ ତୁମ ମାନଙ୍କ ସହିତ କୌଣସି ଯୋଗାଯୋଗ ନାହିଁ । ଶୁଭ୍ରା ଟିକେ ଅପ୍ରସ୍ତୁତ ହୋଇ କହିଲା 'ଦାଦା, ବାପା ପାଞ୍ଚ ବର୍ଷ ହେଲା ଆରପାରିକୁ ଚାଲି ଗଲେଣି । ମା' ମଧୁମେହ ରୋଗରେ ପୀଡିତ ତେବେ ସବୁ କଣ୍ଟ୍ରୋଲ୍‌ରେ ଅଛି' । ଅନୁପମ୍ ପଚାରିଲା ଆଉ ତମ ଖବର, ଅଲିଭ ଖବର କଣ ? ଏଇ କୁନି ଝିଅଟି କିଏ ? ଏହି କିଛି ସମୟ ଭିତରେ ଛୋଟ ଝିଅଟି ଯାଇ ମଧୁମିତା ପାଖରେ ବସି ଗପ ପେଡି ଖୋଲି ଦେଇଛି । ମଧୁମିତା ମଧ ଖୁବ୍ ସ୍ନେହରେ ଝିଅଟିକୁ ଆଦର କରି କିଛି ଜଳଖିଆ ଖାଇବାକୁ ଦେଉଛନ୍ତି । ଖୁବ୍ ଭାବବିହ୍ୱଳ ହୋଇଯାଉଛନ୍ତି, ମନେହୁଏ ସେଇ ଛୋଟ ଝିଅଟିକୁ ପାଇ ମଧୁମିତା ସବୁ ଭୁଲି ଯାଇଛନ୍ତି । ତାଙ୍କର ମନେ ହେଉଛି ସତେ ଯେମିତି ମାମୁନି ତାଙ୍କର ସନ୍ତାନ । ଶୁଭ୍ରା କହିଲା ଦାଦା ଇଏ ମାମୁନି ଅଲିଭା ଦି'ର ଝିଅ । ଅଲିଭା ଦି' ବର୍ତ୍ତମାନ ଗାଜିଆବାଦ୍ ପୋଲିଟେକ୍‌ନିକ୍ କଲେଜରେ ମାସ୍ କମ୍ୟୁନିକେସନ୍ ବିଭାଗର ସହକାରୀ ପ୍ରଫେସର ରୂପେ କାର୍ଯ୍ୟରତ । ମୁଁ ଇଂରାଜୀରେ ଏମ୍.ଏ କରି ବର୍ତ୍ତମାନ ବାପାଙ୍କ ବ୍ୟବସାୟ ବୁଝା ସୁଝା କରୁଛି । ଅନୁପମ ପୁଣି ପଚାରିଲା ଆଚ୍ଛା ଶୁଭ୍ରା ତୁମ ଦିଦି ବାହାଘର ଆଉ ତୁମ ବାହାଘର ବିଷୟ ତ କିଛି କହିଲ ନାହିଁ ? ଶୁଭ୍ରା ମଧୁମିତା ଆଡକୁ ଟିକେ ଚାହିଁ କହିଲା ଦାଦା ଆମ ଘର ଗୋଟିଏ ଅଭିଶପ୍ତ ଘର, ଅନେକ ବାଧା ବିଘ୍ନ ଦେଇ ଆମେ ଗତି କରିଛୁ ଦେଖାଯାଉ ଆଗକୁ କ'ଣ ହେଉଛି ? ମୁଁ ବିବାହ କରିବି ନାହିଁ ବୋଲି ଠିକ୍ କରିଛି । ବାପାଙ୍କ ବ୍ୟବସାୟ ବୁଝିବି ଏବଂ ମା'ଙ୍କ ଦେଖାଶୁଣା କରିବି । ଆଉ ଦିଦି ଖବର କ'ଣ କହିବି ? ଭାଉଜ ଅଛନ୍ତି ତେଣୁ ସେ ସବୁ ପରେ କହିବି ଆପଣ ମୋର ନମ୍ବର ରଖନ୍ତୁ ଏକା ଥିବା ସମୟରେ ଆଲୋଚନା କରିବା । ମଧୁମିତା ମାମୁନି ସହିତ ଏତେ ବ୍ୟସ୍ତ ଥିଲା ଯେ ସେ ଅନୁପମ ଏବଂ ଶୁଭ୍ରାଙ୍କ କଥା କିଛି ଶୁଣି ନ'ଥିଲା । ହସ ଖୁସି ଭିତରେ ସମୟ କଟିଗଲା । ରେଳ ଗାଡିଟି ଗାଜିଆବାଦ୍ ଷ୍ଟେସନ୍‌ରେ ରହିଲା । ଶୁଭ୍ରା ଏବଂ ମାମୁନି ଛଳ ଛଳ ଆଖିରେ ବିଦାୟ ନେଇ ଚାଲିଗଲେ । ଯିବା ସମୟରେ ମାମୁନି ବାରମ୍ବାର ହାତ ହଲାଇ ବାଇ ବାଇ କରୁଥାଏ । ମଧୁମିତା ମାମୁନି ବିଷୟରେ ଖୁବ୍ ଉତ୍ସାହୀ ଥିବା ପରି ମନେ ହେଉଥିଲା । କିଛି ସମୟ ଦେଖା, କଥା ବାର୍ତ୍ତା ତାକୁ ମାମୁନି ସହିତ କିଛି ଐଶ୍ୱରିକ ବନ୍ଧନରେ ବାନ୍ଧି ଦେଲା ପରି ମନେ ହେଉଥିଲା । ଅନୁପମ ମଧ ଶୁଭ୍ରା କଥାର ରହସ୍ୟ ବୁଝି ପାରୁନଥିଲା । ଅଲିଭାକୁ ସେ ଯେପରି ଭାବେ ଦୁର୍ଗାପୁରରେ ଛାଡି ଆସିଥିଲା ସେହି କଥା ପୁଣି ଏତେ ବର୍ଷ ପରେ ମନକୁ କାହିଁକି ଏତେ ଆନ୍ଦୋଳିତ କରୁଛି ? ଅନୁପମ କେବେ ସମୟ ପାଇବ ଆଉ ଶୁଭ୍ରା ସହିତ କଥା ହେବ ? ଅଲିଭା ବିଷୟରେ ଜାଣିବ ସେହି ଚିନ୍ତା ତାର ମୁଣ୍ଡ ଭିତରେ ବୁଢିଆଣୀ ଜାଲ ସଦୃଶ ଅଡୁଆ ହୋଇଯାଉଥିଲା । ଦୁହେଁ କାଲକା ଷ୍ଟେସନ୍‌ରେ ଓହ୍ଲାଇ ଜିନିଷ ପତ୍ର ଧରି କାର୍ ଯୋଗେ ସିମ୍‌ଲା ଆଡକୁ ଆଗେଇ ଚାଲିଲେ । ସିମ୍‌ଲାରେ ମନଭରି ଖୁବ୍ ବୁଲିଲେ । ଜୀବନକୁ ଉପଭୋଗ କରିଲେ । ମନୋସ୍କାମନା ପୂରଣ ପାଇଁ ପ୍ରଖ୍ୟାତ ଦେବୀ ମନ୍ଦିର ଦର୍ଶନ କରି ମା'ଙ୍କ ଆଶୀର୍ବାଦ ଭିକ୍ଷା କଲେ । ମଧୁମିତାକୁ ସିମ୍‌ଲା ଖୁବ୍ ଭଲ ଲାଗୁଥିଲା କିନ୍ତୁ ଅନୁପମ୍ ଅଲିଭା କଥାକୁ ନେଇ ଅନେକ କିଛି ଭାବି ଯାଉଥିଲା ଯାହାର ଆଦି ଅନ୍ତ ସେ ନିଜେ ମଧ ବୁଝିବା ସମ୍ଭବ ନଥିଲା । ଦେଖୁ ଦେଖୁ ୮ ଦିନ ବିତିଗଲା ଛୁଟି ମଧ ସରି ସରି ଆସିଲା । ଦୁଇଜଣ ଏଥର ରେଳ ଗାଡ଼ିରେ ନ ଆସି ସିଧା ଚଣ୍ଡିଗଡ଼ରୁ ବିମାନ ଯୋଗେ କଲିକତା ଫେରି ଆସିଲେ । (କ୍ରମଶଃ...)

ବରିଷ୍ଠ ନାଗରିକ, ସ୍ନେହ କୁଟୀର,
ଝାଞ୍ଜିରୀ ମଙ୍ଗଳା, କଟକ
ମୋ-୯୯୩୭୧୭୪୦୯୭



## କୁଳବୃଦ୍ଧ ମଧୁସୂଦନ

### ପ୍ରଣୀତା ମିଶ୍ର

ଉତ୍କଳମାତାର ମଉଡମଣି ହେ
ସୁଯୋଗ୍ୟ ମଧୁସୂଦନ
ତୁମ ଜନ୍ମଦିନେ ତୁମକୁ ଏ ଜାତି
କରଇ କୋଟି ନମନ ।।

ତୁମେ ଜାଳିଥିଲ ଜାତୀୟତା ବହ୍ନି
କୋଟି ଓଡ଼ିଆଙ୍କ ପ୍ରାଣେ
ଦେଶପ୍ରେମ ତ୍ୟାଗ ବଳିଦାନ ଗାଥା
ବିଞ୍ଚିଦେଇ କୋଣେକୋଣେ ।।

ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁକି
କରିଥିଲ କେତେ ଶ୍ରମ
ଉତ୍କଳ ସମ୍ମିଳନୀ କରିଲ ଗଠନ
ବଢାଇ ଓଡ଼ିଶା ମାନ ।।

ଉତ୍କଳ ଟ୍ୟାନେରୀ ମାନସ ସନ୍ତାନ
ତୁମ ହାତେ ଥିଲା ଗଢା
ଓଡ଼ିଆ ଭାଷାର ଉନ୍ନତି ପ୍ରସାର
ପାଇଁ ହୋଇଥିଲ ଛିଡ଼ା ।।

ଓଡ଼ିଆ ଅସ୍ମିତା ସମ୍ମାନ ପାଇଁକି
ଲଢିଥିଲ କଚେରୀରେ
ଇଂରେଜ ଚକ୍ରାନ୍ତ କରିଥିଲ ପଣ୍ଡ
ନିଜର ଧୀମତା ବଳେ ।।

ଜଗନ୍ନାଥଙ୍କର ଶାସନ ଦାୟିତ୍ୱ
ସମର୍ପି ରାଣୀଙ୍କ ହାତେ
ରକ୍ଷା କରିଥିଲ ଏ ଜାତିର ମାନ
ଠାକୁରଙ୍କ ପାଇଁ ସତେ ।।

ଓଡ଼ିଶା ଉନ୍ନତି ପ୍ରଗତି ସୁରକ୍ଷା
ବହୁଥିଲା ତୁମ ରକ୍ତେ
ଜାଗ୍ରତ ହେବାକୁ ଓଡ଼ିଆ ପୁଅଙ୍କୁ
ଦୀକ୍ଷା ଦେଉଥିଲ ମନ୍ତ୍ରେ ।।

ତୁମ ସମକକ୍ଷ ତ୍ୟାଗୀ ଏ ଭୂମିରେ
ନାହିଁ ଆଉ କେହି ଜଣେ
ସେଥିପାଇଁ ପରା ଉତ୍କଳ ଗୌରବ
ନାମେ ଜଣା ଏ ଭୁବନେ ।।

ଅର୍ଦ୍ଧ ଶତାବ୍ଦୀର ଇତିହାସ ତୁମେ
କୁଳବୃଦ୍ଧ ପୁଣି ତୁମେ
ତୁମକୁ ହରାଇ ବିଷର୍ଣ୍ଣ ଏ ଜାତି
ଝୁରେ ଆଜି ଜନ୍ମଦିନେ ।।

ଭୁବନେଶ୍ୱର

## ସାବିତ୍ରୀ

### ହରିଶ୍ଚନ୍ଦ୍ର ବେହେରା



ଭାଂଗି ଦେଇଛ
ନିୟତିର ଅନିବାର୍ଯ୍ୟ ଶୃଙ୍ଖଳ
ଖୋଲି ଦେଇଛ ଅନ୍ତରାତ୍ମାର ଜ୍ୟୋତିର୍ମୟ ଦୁଆର
ନିୟତିର ଅବଗୁଣ୍ଠିତ କୁହୁକ
ସଂଶୟର କୁହେଳି ଭିତରେ
ତମେ ପ୍ରତିଷ୍ଠା କରି ପାରିଛ ଅବିନାଶୀ
ଆତ୍ମାର ସୁଷମା
ଜୀବନର ବୃହତ୍ତର ବ୍ୟଞ୍ଜନା
ହୃଦୟର ଅଫୁରନ୍ତ ମାଧୁର୍ଯ୍ୟ
ଖୋଲି ଦେଇଛ ଅନ୍ତଶ୍ଚେତନାର ଅବରୁଦ୍ଧ କାରା ଦ୍ୱାର
ଜାଳି ଦେଇଛ ହୃଦୟର ଊର୍ଦ୍ଧ୍ୱ ମୁଖୀ ଅଗ୍ନିଶିଖା
ତମେତ ବିଡ଼ମ୍ବିତ ଭାଗ୍ୟର
ଦୁଃସାହସୀ ପ୍ରତ୍ୟୁତ୍ତର
ଜନ୍ମ ମୃତ୍ୟୁର ପ୍ରହଳିକା ଭିତରୁ ଶୁଣି ପାରିଛ
ବିଶ୍ୱ ଛନ୍ଦର ଉଦାତ୍ତ ମାଙ୍ଗଳିକ
ପୁଣ୍ୟତୋୟା ନଦୀ ତୀରେ ଋଷିଙ୍କ ଆଶ୍ରମ
କିଏ ସେ ରାଜକୁମାର
ଚାରି ଚକ୍ଷୁର ଅପୂର୍ବ ମିଳନ
ହୃଦୟ ବେଦୀରୁ ଶୁଭିଲା ମିଳନର ସାହାନାଇ
ଆଶ୍ରମର ସୁରଭିତ ଶୀତଳ ପ୍ରଶାନ୍ତିକୁ
ମୁଖରିତ କଲା ପ୍ରେମୋନ୍ମତ୍ତ କୋଇଲିର କୁହୁ
ଆତ୍ମାର ପୁଣ୍ୟ ମନ୍ଦିରୁ ଶୁଭିଲା
ଶଙ୍ଖ ଘଣ୍ଟା ଭେରୀ ତୂରୀ

ହେ ଅପାପବିଦ୍ଧ ପ୍ରେମ ପୂଜାରିଣୀ
ତମେ ଖୋଲି ଦେଲ ନିୟତିର ଅବଗୁଣ୍ଠିତ କୁହୁକ
ଚହଲେଇ ଦେଲ ତମାମ ବିଶ୍ୱର ହୃତ୍‌ପିଣ୍ଡ
ତମକୁ ଉତ୍ତୀର୍ଣ୍ଣ ହେବାକୁ ପଡ଼ିଲା
କଠୋର ଅଗ୍ନି ପରୀକ୍ଷାରୁ
ଅକ୍ଳେଶରେ ପିନ୍ଧିନେଲ ମୃତ୍ୟୁଜୟୀ ବିଜୟ ମୁକୁଟ
ଖୋଲିଗଲା ଅନ୍ତରାତ୍ମାର ଅଲୌକିକ ଦୁଆର
ମହାକାଳର କାକଳି ଭିତରେ
କେଉଁଠି ବିଲୀନ ହୋଇଗଲା ସତ୍ୟବାନର
କୁଠାର ଶବ୍ଦ ସଙ୍ଗୀତ ।

କଲ୍ୟାଣ ନଗର, ବାଲେଶ୍ୱର-୧
ମୋ-୯୪୩୭୮୧୩୭୦୮



# ଚିଦାମ୍ବରମ ଷ୍ଟାଡିୟମରେ ଚେନ୍ନାଇ ପରାସ୍ତ : ୫ ୱିକେଟରେ ବାଜି ମାରିନେଲା ହାଇଦ୍ରାବାଦ

**ଚେନ୍ନାଇ**

ଚିଦାମ୍ବରମ ଷ୍ଟାଡିୟମରେ ପୁଣି ଥରେ ମାତ୍ ଖାଇଲା ଚେନ୍ନାଇ ସୁପର କିଙ୍ଗ୍ସ । ସନ ରାଇଜର୍ସ ହାଇଦ୍ରାବାଦ ଠାରୁ ୫ ୱିକେଟରେ ପରାସ୍ତ ହୋଇଛି ଦଳ । ଏସଆରଏଚ ୧୫୫ ରନ୍‌ର ଟାର୍ଗେଟକୁ ସହଜରେ ଜିତି ନେଇଛି । ଆଇପିଏଲ ଇତିହାସରେ ପ୍ରଥମ ଥର ପାଇଁ ଚେନ୍ନାଇକୁ ଚେନ୍ନାଇରେ ହରାଇଛି ହାଇଦ୍ରାବାଦ । ଏହି ବିଜୟ ସହିତ ପଏଣ୍ଟ ଟେବୁଲରେ ଦୁଇ ପଏଣ୍ଟ ହାସଲ କରିଛି । ଦଳ ପକ୍ଷରୁ ଇଶାନ କିଷାନ ସର୍ବାଧିକ ୪୪ ରନ ସଂଗ୍ରହ କରିଥିଲେ ।



ଆଇପିଏଲର ୪୩ ତମ ମୁକାବିଲା ଚେନ୍ନାଇ ସୁପର କିଙ୍ଗସ ଓ ସନରାଇଜର୍ସ ହାଇଦ୍ରାବାଦ ଖେଳାଯାଇଛି । ଟସ୍ ଜିତି ପ୍ରଥମ ବୋଲିଂ ନିଷ୍ପତ୍ତି ନେଇଥିଲା ଏସଆରଏଚ । ଫଳରେ ବ୍ୟାଟିଂ କରିବାକୁ ଓହ୍ଲାଇଥିଲେ ସିଏସକେର ଦୁଇ ଓପନର ସାଇକ ରସିଦ ଏବଂ ଆୟୁଷ । ମାତ୍ର ପ୍ରଥମ ବଲ୍‌ରେ ମହମ୍ମଦ ସାମିଙ୍କ ଶିକାର ହୋଇଥିଲେ ରସିଦ । ଦ୍ୱିତୀୟ ୱିକେଟରେ ସାମ କରନ ଆଉଟ ହୋଇଥିଲେ । ଏହାପରେ ଆୟୁଷ ମାତ୍ରେ ୧୯ଟି ବଲରୁ ୩୦ ରନ୍‌ର ଇନିଂସ ଖେଳି ପାଟ କମିନ୍ସଙ୍କ ଶିକାର ହୋଇଥିଲେ । ପରେ ରବିନ୍ଦ୍ର ଜାଡ଼େଜା ଓ ଡିୱେଲ୍ଡ ବ୍ରେଭିସଙ୍କ ମଧ୍ୟରେ ଏକ ଛୋଟ ପାର୍ଟନରସିପ ହୋଇଥିଲା । ଜାଡେଜା ୨୧ ରନ କରି ଆଉଟ ହୋଇଥିଲେ । ବ୍ରେଭିସ ୨୫ଟି ବଲରୁ ୪୨ ରନ ସଂଗ୍ରହ କରିଥିଲେ । ବ୍ରେଭିସ ଆଉଟ ହେବା ପରେ ଶିବମ ଦୁବେ ଓ ଦୀପକ ହୁଡ୍ଡା ଦଳ ପାଇଁ କିଛି ଖାସ୍ କରିପାରିନଥିଲେ । ଏହାପରେ ଅଧିନାୟକ ମହେନ୍ଦ୍ର ସିଂହ ଧୋନି ପଡ଼ିଆକୁ ଓହ୍ଲାଇ ମାତ୍ର ୬ଟି ବଲ ଖେଳି ୧୦ ରନ କରି ଆଉଟ ହୋଇଥିଲେ । ହାଇଦ୍ରାବାଦ ବୋଲରଙ୍କ ସାମ୍ନାରେ କୌଣସି ବ୍ୟାଟର ଦଳକୁ ସମ୍ଭାଳି ପାରିନଥିଲେ । ଫଳରେ ସିଏସରେ ୧୯.୫ ଓଭରରେ ଦଳ ୧୫୪ ରନ କରି ଅଲଆଉଟ ହୋଇଥିଲା । ହାଇଦ୍ରାବାଦ ପକ୍ଷରୁ ହର୍ଷଲ ପଟେଲ ସର୍ବାଧିକ ୪ଟି ୱିକେଟ ନେଇଛନ୍ତି ।

୧୫୫ ରନର ଲକ୍ଷ୍ୟକୁ ପିଛା କରି ସନ ରାଇଜର୍ସ ହାଇଦ୍ରାବାଦ ୧୮.୪ ଓଭରରେ ୫ ୱିକେଟ ହରାଇ ମ୍ୟାଚ୍‌କୁ ଜିତି ନେଇଛି । ଏସଆରଏଚ ପକ୍ଷରୁ ଟ୍ରାଭିସ ହେଡ ଓ ଅଭିଷେକ ଶର୍ମା ଲକ୍ଷ୍ୟକୁ ପଛି କରିବାକୁ ପଡିଆ ଓହ୍ଲାଇଥିଲେ । ହେଲେ ଚେନ୍ନାଇ ସୁପର କିଙ୍ଗସ ପ୍ରାରମ୍ଭରୁ ଝଟ୍‌କା ଦେଇଥିଲା । ଅଭିଷେକ ଶର୍ମା ପ୍ରଥମ ଓଭରରେ ଖଲ୍ଲି ଅହମ୍ମଦଙ୍କ ଶିକାର ହୋଇଥିଲେ । ଏହାପରେ ହେଡଙ୍କୁ ସାଥ ଦେଇଥିଲେ ଇଶାନ କିଷାନ । ଟ୍ରାଭିସ ହେଡ ୧୬ ବଲରେ ୧୯ ରନ ଏବଂ ଇଶାନ କିଷାନ ୩୪ ବଲରେ ୪୪ରନ କରି ଆଉଟ ହୋଇଥିଲେ । ପରେ ଅନିକେଟ ବର୍ମା, କମିନ୍ଦୁ ମେଣ୍ଡିସ ଓ ନିତିଶ ରେଡ୍ଡି ମିଳିତ ଭାବେ ଦଳକୁ ସମ୍ଭାଳି ନେଇଥିଲେ । ଫଳରେ ଦଳ ୧୮.୪ ଓଭରରେ ୫ ୱିକେଟ ହରାଇ ୧୫୪ ରନ୍‌ର ଟାର୍ଗେଟକୁ ସହଜରେ ଜିତି ନେଇଥିଲା । ହାଇଦ୍ରାବାଦ ପକ୍ଷରୁ ହର୍ଷିତ ପଟେଲ ୪ଟି ୱିକେଟ ଅକ୍ତିଆର ମ୍ୟାନ ଅଫ ଦି ପ୍ଲେୟାର ହୋଇଛନ୍ତି ।

# ପ୍ରଥମ ବଲ୍‌ରେ ଇତିହାସ ରଚିଲେ ଶାମି

**ନୂଆଦିଲ୍ଲୀ**

୨୦୨୫ର ୪୩ତମ ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦର ଦ୍ରୁତ ବୋଲର ମହମ୍ମଦ ଶାମି ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ପ୍ରଥମ ବଲରେ ଇତିହାସ ରଚିଛନ୍ତି । ସେ ଚେନ୍ନାଇ ସୁପର କିଙ୍ଗ୍ସର ଯୁବ ଓପନର୍ ଶେଖ ରସିଦଙ୍କ ଉଇକେଟ ନେଇଥିଲେ । ଆଇପିଏଲ୍‌ରେ ଚତୁର୍ଥ ଥର ପାଇଁ ଶାମି ମ୍ୟାଚ୍‌ର ପ୍ରଥମ ବଲ୍‌ରେ ଉଇକେଟ ନେଇଥିଲେ । ଏକମାତ୍ର ବୋଲର ଭାବେ ସେ ଚାରି ଥର ଏହି ସଫଳତା ହାସଲ କରିଛନ୍ତି । କେବଳ ଏତିକି ନୁହେଁ ସେ ଚତୁର୍ଥ ଥର ପାଇଁ ଇନିଂସର ପ୍ରଥମ ବଲରେ ଉଇକେଟ ନେବାର ସଫଳତା ହାସଲ କରିବାରେ ଆଇପିଏଲ୍‌ର ପ୍ରଥମ ବୋଲର ମଧ୍ୟ ପାଲଟିଛନ୍ତି ।

ମ୍ୟାଚ୍‌ରେ ପ୍ରଥମ ବଲରେ ସର୍ବାଧିକ ଉଇକେଟ ନେଇଥିବା ଖେଳାଳି: ୪ ଥର- ମହମ୍ମଦ ଶାମି, ୨ ଥର- ଡ଼ିର୍କ ନାନେସ୍, ୨ ଥର - ଲାସିଥ ମାଲିଙ୍ଗା, ୨ ଥର-ଉମେଶ ଯାଦବ, ୨ ଥର-ଭୁବନେଶ୍ୱର କୁମାର, ୨ ଥର-ଟ୍ରେଣ୍ଟ ବୋଲ୍ଟ ।

ମ୍ୟାଚ୍‌ର ପ୍ରଥମ ବଲ୍‌ରେ ମହମ୍ମଦ ଶାମି ଏକ ଐତିହାସିକ ସଫଳତା ହାସଲ କରିଥିଲେ । ହେଲେ ଦ୍ୱିତୀୟ ବଲ୍‌ରେ ହିଁ ସେ ଏକ ନୋ ବଲ ପକାଇଥିଲେ । ପ୍ରକୃତରେ ସେ ବୋଲିଂ କରିବା ସମୟରେ ନିଜ ହାତରେ ଉଇକେଟ ମାରିଥିଲେ । ଏହି ଘଟଣା ରନ୍‌ଅପ୍ ସମୟରେ ଘଟିଥିଲା, ଯାହା ଯୋଗୁ ଅମ୍ପାୟାର ଏହି ବଲ୍‌କୁ ନୋ ବଲ୍ ଘୋଷଣା କରିଥିଲେ । କ୍ରିକେଟରେ ଏପରି ଘଟଣା ବହୁତ କମ୍ ଦେଖାଯାଇଛି, ଯେତେବେଳେ ବୋଲର ବୋଲିଂ କରିବା ସମୟରେ ଉଇକେଟରେ ନିଜ ହାତକୁ ଆଘାତ କରନ୍ତି ।

# ଆରମ୍ଭ ହେଲା କବାଡ଼ି ପ୍ରିମିୟର ଲିଗ୍ : ସାମିଲ ହେଲେ ୧୨ ଦଳ

**ସମ୍ବଲପୁର**

ସମ୍ବଲପୁର କବାଡ଼ି କ୍ଲବ ଓ ସମ୍ବଲପୁର ବଏଜ ମିଳିତ ଆନୁକୂଲ୍ୟରେ ଆୟୋଜିତ ଦ୍ୱିତୀୟ ସମ୍ବଲପୁର କବାଡ଼ି ପ୍ରିମିୟର ଲିଗ (ଏସ୍‌କେପିଏଲ) ଗଙ୍ଗାଧର ମୁକ୍ତ ମଣ୍ଡପ ପଡିଆରେ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ମ୍ୟାଚ ମା' ମାନସା ଆର୍ମି ଏବଂ ସମଲେଶ୍ୱରୀ ଷ୍ଟାଇକର୍ସ ମଧ୍ୟରେ ହୋଇଥିଲା । ଏଥିରେ ମନସା ଆର୍ମି ୪୨-୨୪ ପଏଣ୍ଟରେ ବିଜୟ ହାସଲ କରିଥିଲା । ରାଜେଶ ସେଟ୍, କାର୍ତ୍ତିକ ବାରିକ, ରମେଶ ବେରିହା, ଗୀତା କଂସାରି, ଆନନ୍ଦ ଚନ୍ଦ୍ର ପତି, ପ୍ରଶାନ୍ତ ସେଟ୍ ମ୍ୟାଚ ପରିଚାଳନା କରିଥିଲେ । ସମ୍ବଲପୁର କବାଡ଼ି କ୍ଲବ ସଭାପତି ସିଦ୍ଧାର୍ଥ ସାହାଙ୍କ ପରିଚାଳନା ଓ ରାମଦାସ ପଣ୍ଡାଙ୍କ ସଂଯୋଜନାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା । ସମ୍ବଲପୁର ମହାନଗର ନିଗମର ଆୟୁକ୍ତ ବେଦ ଭୂଷଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ କରିଥିଲେ । ସମ୍ବଲପୁର ଜିଲା ବିଜେପି ସଭାପତି ଗିରିଶ ପଟେଲ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ପାଦକ ଉମାପତି ତ୍ରିପାଠୀ ସୂଚନା ପ୍ରଦାନ କରିଥିବା ବେଳେ ଟୁର୍ଣ୍ଣାମେଣ୍ଟ ଆୟୋଜନ କମିଟି ସଭାପତି ରବି ମୁଖି ଅତିଥି ସ୍ୱାଗତ କରିଥିଲେ । ସେହିପରି ସମ୍ପାଦକ ଭଜନ ତରିଆ ମ୍ୟାଚ୍ ବିଷୟରେ ସୂଚନା ଦେଇଥିଲେ । ଚଳିତ ବର୍ଷ ପଶ୍ଚିମ ଓଡ଼ିଶାସ୍ତରୀୟ ଏହି ପ୍ରିମିୟର ଲିଗରେ ଗାନ୍ଧୀ ବୁଲସ, ମହାକାଲ ରାଇଡର୍ସ, ବୀର ତ୍ରିରଙ୍ଗା ବଏଜ, ପଶ୍ଚିମାଞ୍ଚଳ ପାନ୍ଥର୍ସ, ସମଲେଶ୍ୱରୀ ଷ୍ଟାଇକର୍ସ, ଅଞ୍ଜନୀ ପୁତ୍ର ହଣ୍ଟର୍ସ, ଅଯୋଧ୍ୟା ସରୋବର, ମା' ମନସା ଆର୍ମି, ବୁଢ଼ିମା ଟାଇଗର୍ସ, ଆମ୍ବେଦକର ଲାୟନ୍ସ, ଘଣ୍ଟେଶ୍ୱରୀ ୱାରିୟର୍ସ ଓ ମା' ଘିକୁଣ୍ଡି ଯୋଦ୍ଧା ଦଳ ଭାଗ ନେଇଛନ୍ତି । ଖେଳଗୁଡ଼ିକୁ ସ୍ଥାନୀୟ ଅଫିସିଆଲ ପରିଚାଳନା କରିଥିଲେ । ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାର ୩ ଶହ କବାହି ଖେଳାଳି, କୋଚ୍, ମ୍ୟାନେଜର ଟୁର୍ଣ୍ଣାମେଣ୍ଟରେ ସାମିଲ ହୋଇଛନ୍ତି । ମ୍ୟାଚ୍‌ଗୁଡ଼ିକ ପ୍ରତିଦିନ ଅପରାହ୍ନ ୪ଟାରୁ ଆରମ୍ଭ ହୋଇ ରାତି ୧୦ଟାରେ ଶେଷ କରିବାକୁ ସ୍ଥିର ହୋଇଛି । ଚଳିତମାସ ୨୭ ତାରିଖ ପ୍ରତିଯୋଗିତା ଉଦ୍‌ଯାପିତ ହେବ । ସକାଳ ୮ ଟାରେ ସମଲେଇଙ୍କଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇ ଥିଲା । ଏହାପରେ କବାଡ଼ି ଖେଳାଳିମାନେ ଶୋଭାଯାତ୍ରାରେ ବାହାରି କମାଲିବଜାର, ବଳିବନ୍ଧା, କୁଞ୍ଜେଲପଡ଼ା, ହାଟପଡ଼ା, ଦଳେଇପଡା ପରିକ୍ରମା କରି ଗଙ୍ଗାଧର ମଣ୍ଡପଠାରେ ପହଞ୍ଚିଥିଲା । ବିମଳ ବରିହା, ଅବିନାଶ ମିତ୍ର, ଅବିନାଶ ବେହେରା, କବାଡ଼ି କ୍ଲବ ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଆନ୍ତର୍ବିଭାଗୀୟ ଦିବା ରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଇଷ୍ଟକୋଷ୍ଟ ରେଳ ସ୍ପୋର୍ଟସ ଆସୋସିଏସନ, ଖୋର୍ଦ୍ଧା ରୋଡ୍, ଦ୍ୱାରା, ରେଲୱେ ଷ୍ଟାଡିୟମ୍ ଠାରେ ଆନ୍ତର୍ବିଭାଗୀୟ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ-୨୦୨୫ ଉଦ୍‌ଘାଟିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟ ୦୭.୦୫.୨୦୨୫ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଖୋର୍ଦ୍ଧା ରୋଡ୍ ମଣ୍ଡଳର ୧୩ଟି ବିଭାଗର ରେଳ କର୍ମଚାରୀ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଉଛନ୍ତି । ପ୍ରଥମ ଥର ପାଇଁ ରେଳବାଇ ଷ୍ଟାଡିୟମରେ କ୍ରିକେଟ ମ୍ୟାଚ୍ ସ୍ୱତନ୍ତ୍ର ମାଟିରେ ତିଆରି ଟର୍ଫ ପିଚ୍ ଉପରେ ଅନୁଷ୍ଠିତ ହେଉଛି ।

ଆନ୍ତର୍ବିଭାଗୀୟ ଦିବା ରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ, ଏଚ୍.ଏସ୍ ବାଜ୍‌ୱା ଏବଂ ଉଦ୍‌ଘାଟନ କରିଛନ୍ତି । ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ପି.କେ. ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍ଫ୍ରା) ଶୁଭ୍ର ଜ୍ୟୋତି ମଣ୍ଡଳ, କ୍ରୀଡ଼ା ଅଧିକାରୀ ତଥା ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼, ହିମାଦ୍ରି ଭୂଷଣ ବିଶ୍ୱାଳ, ସହକାରୀ କ୍ରୀଡ଼ା ଅଧିକାରୀ, ଅଭଦେଶ ଜୈଷ୍ୟା ଏବଂ ମନୀଷ ମୀନା, ସମସ୍ତ ଶାଖାଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତି ଥିଲେ ।



ଏହି ଅବସରରେ ଉଦ୍‌ବୋଧନ ଦେଇ, ଏଚ୍.ଏସ୍. ବାଜ୍‌ୱା, ସବୁ ବିଭାଗର ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ ସମସ୍ତ ଖେଳାଳିଙ୍କୁ ଦକ୍ଷତା, ଦଳଗତ କାର୍ଯ୍ୟ ଏବଂ ଅଟଳ ମନୋଭାବ ସହିତ ଖେଳିବାକୁ ପରାମର୍ଶ ଦେଇଥିଲେ, ଯାହା ସେମାନଙ୍କୁ ମ୍ୟାଚ୍‌ରେ ସେମାନଙ୍କର ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିବାରେ ସାହାଯ୍ୟ କରିବ । ରେଳବାଇ କର୍ମଚାରୀ ଏବଂ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା କାର୍ଯ୍ୟକଳାପକୁ ଉତ୍ସାହିତ କରିବା ପାଇଁ ଖୋର୍ଦ୍ଧା ରୋଡ୍ ସ୍ପୋର୍ଟ୍ସ ଆସୋସିଏସନର ପଦକ୍ଷେପ ପାଇଁ ଏଚ୍.ଏସ୍. ବାଜ୍‌ୱା, ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେ ଆହୁରି ମଧ୍ୟ କେହିଛନ୍ତି ଯେ ଖୋର୍ଦ୍ଧା ରୋଡ୍ ସ୍ପୋର୍ଟ୍ସ ଆସୋସିଏସନ ଦ୍ୱାରା ଷ୍ଟାଡିୟମ ଏବଂ ଅନ୍ୟାନ୍ୟ ସ୍ଥାନରେ ଭିତ୍ତିଭୂମି ବିକାଶ କରାଯାଉଛି ।

ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଥିବା ବିଭିନ୍ନ ବିଭାଗ ହେଉଛି- ବିଦ୍ୟୁତ ବିଭାଗ, ରେଳ ସୁରକ୍ଷାବଳ, ବିତ୍ତ ବିଭାଗ, ଅପରେଟିଂ, ମେଡିକାଲ, ଷ୍ଟୋରସ୍, ଇଞ୍ଜିନିୟରିଂ, ଇଲେକ୍ଟ୍ରିକାଲ ଲୋକୋ । ସେଡ୍/ ଅନୁଗୋଳ, ଇଲେକ୍ଟ୍ରିକାଲ (ଓପି), ବାଣିଜ୍ୟ ବିଭାଗ, ଦୂର ସଂଚାର ଏବଂ ସଙ୍କେତ, କାର୍ମିକ ବିଭାଗ, ମେକାନିକାଲ ବିଭାଗ ସମସ୍ତ ବିଭାଗ ମଧ୍ୟରେ ସମୁଦାୟ ୩୦ଟି ଲିଗ୍ ମ୍ୟାଚ୍ ହେବ । ପ୍ରଥମ ଦିନରେ ପ୍ରଥମ ମ୍ୟାଚ ଇଲେକ୍ଟ୍ରିକାଲ (ଓପି) ବିଭାଗ ଏବଂ ଇଞ୍ଜିନିୟରିଂ ବିଭାଗ ମଧ୍ୟରେ ଅନୁଷ୍ଠିତ ହେଉଛି । ଆନ୍ତର୍ବିଭାଗୀୟ ଦିବା ରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ, କ୍ରୀଡ଼ା ଅଧିକାରୀ ତଥା ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼, ହିମାଦ୍ରି ଭୂଷଣ ବିଶ୍ୱାଳଙ୍କ, ନେତୃତ୍ୱରେ ଆୟୋଜନ କରାଯାଉଛି । ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍, କ୍ରୀଡ଼ା ସଚିବ ଏମ୍.ଡି. ଜାକିରୁଦ୍ଦିନ ଏବଂ ତାଙ୍କ ଟିମ୍ ଦ୍ୱାରା କରାଯାଉଛି ।

# ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସାମ୍ବିଧାନିକ ମାନ୍ୟତା

**ବାଲେଶ୍ୱର, ନ୍ୟୁଜ୍**

ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ସଦର ମହକୁମାସ୍ଥିତ ଆୟୁଷ୍ମାନ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମାରୋହରେ ମୁଖ୍ୟ ଅତିଥି ଭାବେ ବାଣିଜ୍ୟ ଓ ପରିବହନ ତଥା ଇସ୍ପାତ ଓ ଖଣି ବିଭାଗର ମନ୍ତ୍ରୀ ବିଭୁତି ଭୂଷଣ ଜେନା ଯୋଗ ଦେଇ ନିଜ ବକ୍ତବ୍ୟରେ ତୃଣମୂଳସ୍ତରର ଗଣତନ୍ତ୍ରର ଶକ୍ତି ଓ ସାମର୍ଥ୍ୟକୁ ପାଳନ କରିବା ପାଇଁ ହୋଇଥିବା ପଞ୍ଚାୟତିରାଜର ମହତ୍ତ୍ୱ ବାବଦରେ ମନ୍ତ୍ରୀ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ସଶକ୍ତ ହେଲେ ଏକ ଉନ୍ନତ ଓ ବିକଶିତ ଓଡ଼ିଶାର ସ୍ୱପ୍ନ ପୂରଣ ହୋଇପାରିବ । ୭୩ତମ ସମ୍ବିଧାନ ସଂଶୋଧନ କାର୍ଯ୍ୟକାରୀ ହେବା ପରେ ଭାରତରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସାମ୍ବିଧାନିକ ମାନ୍ୟତା ପ୍ରଦାନ କରିବା ସହ ଗ୍ରାମୀଣ ସ୍ୱୟଂଶାସନକୁ ସଶକ୍ତ କରିଥିଲା । ତୃଣମୂଳ ସ୍ତରରେ କ୍ଷମତାର ବିକେନ୍ଦ୍ରୀକରଣ କରିବା ଏବଂ ଯୋଜନା ଓ ବିକାଶ କାର୍ଯ୍ୟରେ ସ୍ଥାନୀୟ ଲୋକଙ୍କ ଅଂଶଗ୍ରହଣ ସୁନିଶ୍ଚିତ କରିବା ଏହାର ଉଦ୍ଦେଶ୍ୟ ଥିଲା ବୋଲି ମନ୍ତ୍ରୀ କହିଥିଲେ । ଏହା ସହ ସରକାର ଗୋଟିଏ ଦିନରେ ଅନେକ ଯୋଜନାର ପ୍ରଣୟନ କରିବା ଯେମିତି ଖାଦ୍ୟ ସୁରକ୍ଷା ଆଇନରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀମାନଙ୍କୁ ନୂତନ ରାସନ୍‌କାର୍ଡ ପ୍ରଦାନ, ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ ଆଜି ଓଡ଼ିଶାର ସମସ୍ତ ୩୧୪ ଗୋଟି ବ୍ଲକରେ ଷ୍ଟାଡିୟମ୍ ନିର୍ମାଣ, ଡିଜିଟାଲ ଇଣ୍ଡିଆ, ଗ୍ରାମ ପଞ୍ଚାୟତକୁ ନିଜସ୍ୱ ଆୟ ବୃଦ୍ଧି, ମହିଳା ସଶକ୍ତିକରଣ ପାଇଁ ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ ସୁଭଦ୍ରା ଯୋଜନାରେ ହିତାଧିକାରୀଙ୍କୁ ସହାୟତା ପ୍ରଦାନ ସହ ବିଗତ ଦିନରେ ପ୍ରତି ଗ୍ରାମ ପଞ୍ଚାୟତରେ ଗୁଣାତ୍ମକ ପ୍ରାଥମିକ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଦିଗରେ ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା, ଓଡିଶାବାସୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ କେନ୍ଦ୍ର ସରକାର ଏବଂ ଓଡ଼ିଶା ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ ଆୟୁଷ୍ମାନ ଭାରତ- ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ଲୋକକେନ୍ଦ୍ରିକ ହେବା ସହ ରାଜ୍ୟକୁ ସବୁ ଦିଗରୁ ବଳିଷ୍ଠ କରିଛି ବୋଲି ନିଜର ସୁଚିନ୍ତିତ ବକ୍ତବ୍ୟ ରଖିଥିଲେ । ଉକ୍ତ ସଭାରେ ସମ୍ମାନନୀୟ ଅତିଥି ରୂପେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକ ସଦର ମାନସ କୁମାର ଦତ୍ତଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଅତିରିକ୍ତ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଡ. ମଧୁସ୍ମିତା ସାମନ୍ତରାୟ ଓ ସଦର ବିଡ଼ିଓ ଉତ୍ତମ ଜେନା ପ୍ରମୁଖ ଉପସ୍ଥିତ ଥିଲେ ଓ ଏହି ଅବସରରେ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ଥିବା ଯୋଗ୍ୟ ହିତାଧିକାରୀ ମାନଙ୍କୁ ନୂତନ ରାସନ କାର୍ଡ ବଣ୍ଟନ କରାଯାଇଥିଲା ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଗ୍ରାମପଞ୍ଚାୟତମାନଙ୍କୁ ପ୍ରୋତ୍ସାହନ ରାଶି ଦିଆଯାଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜମ୍ମୁ କାଶ୍ମୀର ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ସକାଶେ ନୀରବ ପ୍ରାଥନା କରାଯାଇଥିଲା । ଉପସ୍ଥିତ ଲୋକେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ଆଭାଷୀ ମାଧ୍ୟମରେ ଦେଖିଥିଲେ ।

# ବିଶ୍ୱରୁ ଆତଙ୍କବାଦ ମୂଳୋତ୍ପାଟନ ପାଇଁ ମୁସଲିମ୍ ଯୁବ ସମାଜର ଦାବି

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

କାଶ୍ମୀରର ପହଲଗାମ୍‌ଠାରେ ଘଟିଥିବା ଆତଙ୍କବାଦୀ ଘଟଣାକୁ ମୁସଲିମ ଯୁବ ସମାଜ ପକ୍ଷରୁ ବିରୋଧ କରି ଜିଲ୍ଲାପାଳ ପି.ଅନ୍ୱେଶର ରେଡିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ସୂଚନା ଥାଉ କି କାଶ୍ମୀରର ପହଲଗାମ୍ ଠାରେ ୨୬ ଜଣ ପର୍ଯ୍ୟଟକଙ୍କୁ ତାଙ୍କର ଧର୍ମ ଓ ଜାତି ବିଷୟରେ ପଚାରି ଆତଙ୍କବାଦୀମାନେ ଗୁଳି କରିଥିଲେ । ଯାହାଫଳରେ ୨୬ ଜଣ ପର୍ଯ୍ୟଟକ ମୃତ୍ୟୁବରଣ କରିଥିବାବେଳେ ବହୁ ସଂଖ୍ୟାରେ ଆହତ ହୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ସେମାନଙ୍କ ଜୀବନ ସଂକଟାପନ୍ନ ଥିବା ଜଣାପଡିଛି ।




ଶୁକ୍ରବାର ମୁସଲିମ ଯୁବସମାଜ ପକ୍ଷରୁ ଏହାର ଘୋର ନିନ୍ଦା କରାଯିବା ସହିତ ଏହି ଘଟଣା ମାନବ ସମାଜକୁ କଠୋର ଆଘାତ ଦେଇଛି । ସେମାନଙ୍କୁ କଠୋର ଦଣ୍ଡ ଦେବା ଉଚିତ ବୋଲି ଦାବି କରିଛନ୍ତି । ଆତଙ୍କବାଦୀ କୌଣସି ଧର୍ମ କିମ୍ବା ଜାତିର ନୁହନ୍ତି । ଏଣୁ ସେମାନେ ଧାରାପୃଷ୍ଠରେ ରହିବା ଆଦୌ ଉଚିତ ନୁହେଁ । ଏମାନଙ୍କୁ ସମଗ୍ର ଜଗତରୁ ସମାପ୍ତ କରି ଦେଶରେ ଶାନ୍ତି ଓ ସଦ୍‌ଭାବନା ପ୍ରତିଷ୍ଠା କରିବାପାଇଁ ଦାବି କରାଯାଇଛି । ଏହି ଘଟଣାକୁ ନେଇ ମୁସଲିମ ଯୁବ ସମାଜ ଏକ ରାଲିରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପାକିସ୍ଥାନ ମୁର୍ଦାବାଦ ଧ୍ୱନି ଦେବା ସହିତ ଜିଲ୍ଲାପାଳ ଶ୍ରୀମତୀ ରେଡ୍ଡୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଏହି ବିକ୍ଷୋଭରେ ମୁଖ୍ୟତଃ ଏସ୍.କେ ଶାହାଜୁଦ୍ଦିନ, ସେକ ମୁର୍ତ୍ତୁଜା, ଏସ.କେ. ସେଲେମାନ ଅଜତର ଖାନ, ସେକ ମଞ୍ଜର ଅଲମ ଅନୁଅର ଖାଁ, ନାଶିରୁଲ ହୁସେନ ଖାନ, ଶୋଲେମାନ ଖାଁ, ରହିମ ଖାଁ, ଏସ.କେ ବାଦଶାହା ପ୍ରମୁଖ ଶତାଧିକ ମୁସଲିମ ଯୁବ ସମାଜ ସାମିଲ ହୋଇଥିଲେ ।

# ଆସନ୍ତା ୧୦ ତାରିଖରେ ରାଷ୍ଟ୍ରୀୟ ଲୋକ ଅଦାଲତ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ୧୦ ତାରିଖ ପୂର୍ବାହ୍ନ ୦୯ ଘଟିକା ସମୟରେ କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ସମସ୍ତ ତାଲୁକା ଆଇନ ସେବା କମିଟି ପରିସରରେ ୨୦୨୫ ମସିହାର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ବହୁ ସଂଖ୍ୟାରେ ଜନସାଧାରଣ ଏହି ଲୋକ ଅଦାଲତର ସୁଯୋଗ ନେବାକୁ ଅନୁରୋଧ କରାଯାଇଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ପ୍ରାକ ବିଚାରଧୀନ ମକଦ୍ଦମା ଯଥା ଦେୱାନୀ ଓ ଫୌଜଦାରି(ସାଲିସ ଯୋଗ୍ୟ), ମୋଟର ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ ସମସ୍ୟା, ଚେକ ବାଉନ୍ସ ମାମଲା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ । କେବଳ ବିଚାରଧୀନ ମାମଲା ନୁହେଁ ପ୍ରାକ ମକଦ୍ଦମାସ୍ତରୀୟ (କଚେରୀରେ ଦାୟର ହୋଇନଥିବା ) ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଚେକ ବାଉନ୍ସ, ପାରିବାରିକ ବିବାଦ ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ । ଯଦି କୌଣସି ବିଚାରଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି' ଫେରସ୍ତ ହୋଇପାରିବ । ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ତଥା ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ନିମନ୍ତେ ଜନସାଧାରଣଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ । ଏହି ଲୋକ ଅଦାଲତରେ ମକଦ୍ଦମା ତଥା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ ଓ ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ ଅଟେ । ବିସ୍ତୃତ ସୂଚନା ନିମନ୍ତେ ଜନସାଧାରଣ ଜିଲ୍ଲା ବା ତାଲୁକସ୍ତରୀୟ ଆଇନସେବା କାର୍ଯ୍ୟାଳୟ ସହ ଯୋଗସୂତ୍ର ରକ୍ଷା କରିପାରିବେ କିମ୍ବା ଟେଲିଫୋନ ନମ୍ବର ୦୬୭୧-୨୩୬୮୩୮୩ରେ ମଧ୍ୟ ଯୋଗାଯୋଗ କରିବାକୁ କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୂଚାଇ ଦିଆଯାଇଛି ।

# କ୍ଷତିଗ୍ରସ୍ତ ଧାନଚାଷୀଙ୍କୁ ବୀମା ରାଶି ପ୍ରଦାନ ନିମନ୍ତେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଅଜଣା ରୋଗରେ ଧାନ ଫସଲ ନଷ୍ଟ ହେଉଥିବାରୁ ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ପ୍ରାଥମିକ ସେବା ସମବାୟ ସମିତିର ବିଭିନ୍ନ ଚାଷୀ ସଂଗଠନର ଶତାଧିକ ଚାଷୀ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି । ଧାନ ଫସଲ କ୍ଷୟକ୍ଷତିର ଉଚିତ ପ୍ରାପ୍ୟ, ଅଜଣା ରୋଗକୁ ଚିହ୍ନଟ କରି ସବ୍‌ସିଡିରେ କୀଟନାଶକ ଔଷଧ ଯୋଗାଇବା, କ୍ଷୟକ୍ଷତିର ସଠିକ୍ ଆକଳନ ସହ ଉଚ୍ଚ ସ୍ତରୀୟ ତଦନ୍ତ କରି ଶୀଘ୍ର ଫସଲ ବୀମା ଯୋଗାଇବାକୁ ଦାବି କରି




ଚାଷୀମାନେ ଜିଲ୍ଲାପାଳ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସୁବର୍ଣ୍ଣପୁର ଏଡିଏମ୍ ଅଞ୍ଜଳିନା ପଧାନଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ କରି ଜିଲ୍ଲା କୃଷୀ ବିଭାଗ ଡେପୁଟି ଡାଇରେକ୍ଟରଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରିଥିଲେ । ଏ ସମସ୍ୟା ସମାଧାନ ପାଇଁ ଉଭୟଙ୍କ ସହିତ ଚାଷୀ ନେତାମାନେ ଆଲୋଚନା କରିଥିଲେ । ରାମପୁର ପ୍ରାଥମିକ ସେବା ସମବାୟ ସମିତିର ସଭାପତି ଉମେଶ ପୁଝାରୀ, ସଂପାଦକ ସରୋଜ ମେହେର, ଉପଦେଷ୍ଟା କୃପା ସିନ୍ଧୁ ପୁଝାରୀ, ସରପଞ୍ଚ ମନୋଜ ପୁରୋହିତଙ୍କ ନେତୃତ୍ୱରେ ରାମପୁର, କଟାପାଲି, ଅମନ୍ ମୁଣ୍ଡା, ନାଇକେନ୍ ପାଲି, ଷଣ୍ଢ ଟିକ୍ରା, ତେଲି ଟିକ୍ରା ଗାଁର ଶତାଧିକ ଚାଷୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ପ୍ରତିମୂର୍ତ୍ତି ସ୍ଥଳ ସଫେଇ ସହ ଶ୍ରଦ୍ଧାସୁମନ ଅର୍ପଣ

# ବରପୁତ୍ରମାନଙ୍କୁ ଉଚିତ ସମ୍ମାନ ନିମନ୍ତେ ଶପଥ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଆମେ ମୟୂରଭଞ୍ଜିଆର ଆହ୍ୱାନ କ୍ରମେ ପୂର୍ବ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଏପ୍ରିଲ ୨୧ ତାରିଖରେ ସବୁଠି ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ଏବଂ ଶ୍ରଦ୍ଧା ଓ ଆନ୍ତରିକତାର ସହିତ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ପାଳିତ ହୋଇଛି । ଜିଲ୍ଲାର ଚାରିଗୋଟି ଉପଖଣ୍ଡର ବିଭିନ୍ନ ଶିକ୍ଷାନୁଷ୍ଠାନ, କାର୍ଯ୍ୟାଳୟ ପରିସର, ପାଠାଗାର ପରିସର ଏବଂ ଛକ ଓ ଗୋଲେଇ ଆଦିରେ ଥିବା ମହାପୁରୁଷ, ବରପୁତ୍ର ଓ ଶହୀଦମାନଙ୍କ ପ୍ରତିମୂର୍ତ୍ତି ସ୍ଥଳକୁ ପରିଷ୍କାର ପରିଚ୍ଛନ୍ନ କରିବା ସହିତ ଭିନ୍ନ ଭିନ୍ନ ପ୍ରତିମୂର୍ତ୍ତିରେ ଗଙ୍ଗା ଜଳ, କ୍ଷୀର ଆଦିରେ ଧୌତ କରାଯାଇ ସଭକ୍ତି ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି । ଏହି ଅବସରରେ ବାରିପଦା ସହର ଓ ସହର ଉପକଣ୍ଠରେ ଥିବା ପାଖାପାଖି ୪୦ଟି ପ୍ରତିମୂର୍ତ୍ତିଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନ ସହିତ ବରପୁତ୍ରଙ୍କ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଛି । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମହାରାଣୀ ପ୍ରେମ କୁମାରୀ କଲେଜ ଅଫ ନର୍ସିଂର ଛାତ୍ରଛାତ୍ରୀମାନେ ଏକ ବିରାଟ



ଶୋଭାଯାତ୍ରାରେ ବାହାରି ସ୍ଥାନୀୟ କୃଷ୍ଣ ଚନ୍ଦ୍ର ଗୋଲେଇ, ଟ୍ରାଫିକ ଛକ ଦେଇ ବିଭିନ୍ନ ସ୍ଲୋଗାନ ଦେଇ ପରିବେଶକୁ ବେଶ୍ ଭାବ ଗମ୍ଭୀର କରିଥିଲେ । ଏହି ଶୋଭାଯାତ୍ରାରେ ମହାରାଣୀ ପ୍ରେମ କୁମାରୀ ଉଚ୍ଚ ବାଳିକା ବିଦ୍ୟାଳୟର ଛାତ୍ରୀମାନେ ଯୋଗ ଦେଇ ବିଜୁ ପଟ୍ଟନାୟକ ଗୋଲେଇ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ମହାରାଜା ପୂର୍ଣ୍ଣ ଚନ୍ଦ୍ର ଭଞ୍ଜ ଦେଓଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ପହଞ୍ଚି ଥିଲେ । ଜିଲ୍ଲା ପ୍ରଶାସନର ଅଧିକାରୀଙ୍କ ସମେତ ତମାମ ବୁଦ୍ଧିଜୀବୀ, ଯୁବ ଗୋଷ୍ଠୀ, ବରିଷ୍ଠ ନାଗରିକ ଓ ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ଏକାଠି ହୋଇ ମହାରାଜାଙ୍କ ପ୍ରତିମୂର୍ତ୍ତି ସ୍ଥଳ ସଫେଇ ପରେ ପ୍ରତିମୂର୍ତ୍ତିକୁ ଗଙ୍ଗା ଜଳରେ ଗାଧୋଇ ଥିଲେ । ଏହା ପରେ ସମୂହ ମାଲ୍ୟାର୍ପଣ ସହିତ ଶ୍ରଦ୍ଧାସୁମନ ଓ ଧୂପ ଦୀପ ପ୍ରଦାନ କରାଯାଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଯୋଗଦେଇ ବନ୍ଦେ ବରପୁତ୍ରମ କାର୍ଯ୍ୟକ୍ରମକୁ ଶୁଭଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମର ଅଧକ୍ଷ ଅବସର ପ୍ରାପ୍ତ ପୁଲିସ ଅଧିକାରୀ ଦୁର୍ଗା ପ୍ରାସାଦ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବରପୁତ୍ର ବନ୍ଦନା କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ପିସି ସିଏଏଫ ତଥା ସେଭ ଏଲିଫେଣ୍ଟ ଫାଉଣ୍ଡେସନର ମୁଖ୍ୟ ଡ. ଦେବବ୍ରତ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧକ୍ଷକ ଦୀପକ କୁମାର ଗୋଚ୍ଛାୟତ, ସମାଜ ସେବୀ ଡ. ଆଦିତ୍ୟ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ବରପୁତ୍ରମାନଙ୍କ ସ୍ମୃତିଚାରଣ କରିଥିଲେ । ଯେଉଁମାନଙ୍କ ତ୍ୟାଗ ତିତିକ୍ଷା ବଳିଦାନ ଓ ସଂଘର୍ଷର ଫଳ ସ୍ୱରୂପ ଆମ ଭାଷା, ସାହିତ୍ୟ, ସମାଜ, ସଂସ୍କୃତି, ଐତିହ୍ୟ, ସର୍ବୋପରି ରାଷ୍ଟ୍ର ସୁରକ୍ଷିତ ଓ ସମୃଦ୍ଧ ହୋଇଛି । ସେଇ ଯୋଗଜନ୍ମା ବ୍ୟକ୍ତିତ୍ୱ ତଥା ବରପୁତ ମାନଙ୍କ ପ୍ରତିମୂର୍ତ୍ତିକୁ ଅଣଦେଖା ନ କରି ସଂରକ୍ଷଣ ପାଇଁ ଯତ୍ନବାନ ହେବା ସହିତ ଉଚିତ ସମ୍ମାନ ଜଣାଇ ସେମାନଙ୍କ ନୀତି ଆଦର୍ଶର ଗୁଣ ଗାନ କରିବା ପ୍ରତିଟି ବ୍ୟକ୍ତିବିଶେଷର ମୌଳିକ କର୍ତ୍ତବ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ପରେ ପରେ ଭିନ୍ନ ଭିନ୍ନ ସଂଗଠନ ନେତୃତ୍ୱରେ ବିଭିନ୍ନ ପ୍ରତିମୂର୍ତ୍ତି ସଫେଇ କରା ଯିବା ସହିତ ଏହାର ସଂରକ୍ଷଣ ଓ ଉଚିତ ସମ୍ମାନ ପ୍ରଦର୍ଶନ ପାଇଁ ଶପଥ ନିଆଯାଇଥିଲା । ଏହି ଅବସରରେ ଅଭିରାମ ବେଦ ବେଦାନ୍ତ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ ମୟୂରଭଞ୍ଜ ଗୀତିକା ଗାନ କରାଯାଇଥିଲା । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଆମେ ମୟୂରଭଞ୍ଜିଆ ସଂଗଠନର ଆହ୍ୱାନକ୍ରମେ ଏପ୍ରିଲ ୨୧ରେ ସବୁଠି ୨୦୧୭ ମସିହାରୁ ଦୀର୍ଘ ୯ ବର୍ଷ ଧରି ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ପାଳନ ହୋଇଆସୁଛି । ଆମେ ମୟୂରଭଞ୍ଜିଆର ଅଧକ୍ଷ ସଞ୍ଜୟ କୁମାର ଚୌଧୁରୀଙ୍କ ଏହି ଅଭିନବ ପରିକଳ୍ପନାକୁ ସମସ୍ତେ ଆପଣେଇ ନେଇଥିବାରୁ ଏହା ଏବେ ଏକ ପରମ୍ପରା ଭାବେ ପରିଣତ ହୋଇ ସବୁଠି ପାଳିତ ହେଉଛି । ଭିତରେ କେବଳ ଗୋଟିଏ ସ୍ଥାନରେ ସୀମିତ ନ ରହି ଜିଲ୍ଲା ଡେଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ଦିବସ ପାଳନ ହେବା ସହିତ ରାଜ୍ୟ ବାହାରେ ଏବଂ ଦେଶ ବାହାରେ ଏଭଳି ଏକ ସୃଜନ ଶୀଳ କାର୍ଯ୍ୟକ୍ରମକୁ ଅତ୍ୟନ୍ତ ଶ୍ରଦ୍ଧାର ସହିତ ପାଳନ ପାଇଁ ବୁଦ୍ଧିଜୀବୀ ସଚେତନ ନାଗରିକ ଓ ସଂସ୍କୃତି ପ୍ରେମୀମାନେ ଏକାଠି ହୋଇଥିବା ଦେଖିବାକୁ ମିଳିଛି ।

# ଅବହେଳିତ ଆସିକା ସଂସଦୀୟ କ୍ଷେତ୍ର : ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହେଉନି

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ରାଜନୀତିରେ ଗଞ୍ଜାମ ଜିଲ୍ଲାର ଆସିକା ସଂସଦୀୟ କ୍ଷେତ୍ରର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଏହି ସଂସଦୀୟ କ୍ଷେତ୍ରରୁ ନିର୍ବାଚିତ ବହୁ ଦକ୍ଷ ଓ ବିଜ୍ଞ ନେତା ରାଜନୈତିକ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛନ୍ତି । କିନ୍ତୁ ଦୁର୍ଭାଗ୍ୟର ବିଷୟ ଆସିକା ସଂସଦୀୟ କ୍ଷେତ୍ରରେ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିନି । ସବୁ କ୍ଷେତ୍ରରେ ଆଜି ବି ଏହା ଯେମିତି ଅବହେଳିତ । ରେଳପଥ, ଶିକ୍ଷାନୁଷ୍ଠାନ ଓ ଜଳସେଚନ ସୁବିଧା ଏବେ ବି ସ୍ୱପ୍ନ ହୋଇରହିଛି । ଅଞ୍ଚଳବାସୀ ନିଜର ହକ୍ ପାଇବା ଅପେକ୍ଷାରେ ରହିଛନ୍ତି । ଏବେ ବିଜେପି ସରକାର ଆସିକା ପରେ ଆସିକା ସଂସଦୀୟ କ୍ଷେତ୍ରରେ ବିକାଶ କେତେଦୂର ଆଗେଇବ ତାହା ସମୟ କହିବ । ଗଞ୍ଜାମ ଜିଲ୍ଲାରେ ବ୍ରହ୍ମପୁର ଓ ଆସିକା ଦୁଇଟି ସଂସଦୀୟ କ୍ଷେତ୍ର ରହିଛି । ୨୦୦୯ ସାଧାରଣ ନିର୍ବାଚନ ପୂର୍ବରୁ ହୋଇଥିବା ସୀମା ପୁନଃନିର୍ଦ୍ଧାରଣ ପରେ ଆସିକା ସଂସଦୀୟ କ୍ଷେତ୍ର ଅଧୀନରେ ଆସିକା, କବିସୂର୍ଯ୍ୟ ନଗର, ପୋଲସରା, ହିଞ୍ଜିଳିକାଟୁ, ସୋରଡ଼ା, ସାନଖେମୁଣ୍ଡି ଓ ଖଲ୍ଲିକୋଟ ବିଧାନସଭା ନିର୍ବାଚନମଣ୍ଡଳୀକୁ ସାମିଲ କରାଯାଇଥିଲା । ଖଲ୍ଲିକୋଟକୁ ବାଦ ଦେଲେ ଏହି ସଂସଦୀୟ କ୍ଷେତ୍ରର ଅନ୍ୟ କୌଣସି ନିର୍ବାଚନମଣ୍ଡଳୀକୁ ରେଳ ସଂଯୋଗ ହୋଇନାହିଁ । ବହୁ ପ୍ରତିକ୍ଷୀତ ଗୋପାଳପୁର-ସମ୍ବଲପୁର ରେଳଲାଇନ୍ କାମ ବିଭିନ୍ନ କାରଣରୁ ବିଳମ୍ବ ହୋଇ ଚାଲିଛି । ପର୍ଯ୍ୟାପ୍ତ ଜଳଉତ୍ସ ରହିଥିଲେ ସୁଦ୍ଧା ଚାଷୀମାନେ ଆବଶ୍ୟକ ଜଳସେଚନ ସୁବିଧା ପାଇପାରୁ ନାହାନ୍ତି । ଉଚ୍ଚଶିକ୍ଷା ପାଇଁ ସରକାରୀ ଇଞ୍ଜିନିୟରିଂ କଲେଜ ଖଣ୍ଡିଏ ପ୍ରତିଷ୍ଠା ହୋଇପାରିନାହିଁ । ସୂତାକଳ ପ୍ରାୟ ୧୨ ବର୍ଷ ହେଲା ବନ୍ଦ ହୋଇ ରହିଛି । ଚିନିକଳର ଅବସ୍ଥା ମଧ୍ୟ ଶୋଚନୀୟ । ଶିଳ୍ପବିହୀନ ଆସିକା ସଂସଦୀୟ କ୍ଷେତ୍ରରେ ନୂଆ ନିଯୁକ୍ତି ସୁଯୋଗ ନାହିଁ । ଏଣୁ ରୋଜଗାର ପାଇଁ ଲକ୍ଷାଧିକ ଲୋକ ସୁରତ, ମୁମ୍ବାଇ ଓ ଚେନ୍ନାଇ ଭଳି ଅଞ୍ଚଳକୁ ଦାଦନ ଖଟିବାକୁ ଯାଉଛନ୍ତି । ସେହିପରି ୧୯୯୨ ରୁ ଆସିକାକୁ ଜିଲ୍ଲା ମାନ୍ୟତା ପାଇଁ ଦାବି ହୋଇ ଆସୁଥିବା ବେଳେ ସେଥିପ୍ରତି ମଧ୍ୟ ସରକାର ଆସିକା ପୌରପାଳିକା ଘୋଷଣା କରିଥିଲେ । କିନ୍ତୁ ତାହା ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହୋଇପାରିନାହିଁ । ଏଭଳି ବିଭିନ୍ନ ସମସ୍ୟା ସମ୍ପର୍କରେ କବିସୂର୍ଯ୍ୟନଗର ଆଇନଜୀବୀ ତଥା ସୂଚନା ଅଧିକାର କର୍ମୀ ବି. ଶଙ୍କର ପାତ୍ର ଆସିକା ସାଂସଦ ଅନୀତା ଶୁଭଦର୍ଶୀନୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଜେପିର ଡବଲ୍ ଇଞ୍ଜିନ୍ ସରକାର ଚୀର ଅବହେଳିତ ଆସିକା ସଂସଦୀୟ କ୍ଷେତ୍ରର ବିକାଶ ପାଇଁ କଣ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି ।





# ୨୮ରେ ରାଜ୍ୟ କଂଗ୍ରେସ ପାଳିବ ସମ୍ବିଧାନ ବଞ୍ଚାଅ ଦିବସ

## ଜାତିଗତ ଜନଗଣନା ଏବଂ ଓବିସି ବର୍ଗଙ୍କ ନାର୍ଯ୍ୟ ଅଧିକାର ପାଇଁ ଗାଁକୁ ଯିବ କଂଗ୍ରେସ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ, ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଏବଂ ବିଧାୟକ ଦଳ ନେତା ରାମଚନ୍ଦ୍ର କାଳାମ ଓ ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ଉପସ୍ଥିତିରେ କହିଥିଲେ ଯେ ରାଜ୍ୟରେ ସମ୍ବିଧାନ ଦିବସ ପାଳନ କରିବାପାଇଁ ରାଜଧାନୀରୁ ନେଇ ଗାଁ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ କରାଯିବ। ଓଡ଼ିଶାରେ ମୟୂରଭଞ୍ଜ ଜିଲ୍ଲା ସମେତ ଅନ୍ୟ ଆଦିବାସୀ ବହୁଳ ଜିଲ୍ଲା ଗୁଡ଼ିକରେ ବିଜେପିର କମ୍ପାନୀ ପ୍ରୀତି ପାଇଁ ସାଧାରଣ ଆଦିବାସୀଙ୍କର ଭିଟାମାଟି ଏବଂ ଜଙ୍ଗଲ, ଜଳ, ଜମି ହଡ଼ପ କରିବାପାଇଁ କରାଯାଉଥିବା ଚକ୍ରାନ୍ତ ବିରୁଦ୍ଧରେ ରାଜ୍ୟ କଂଗ୍ରେସ ଜୋରଦାର ବିରୋଧ ଆରମ୍ଭ କରିବ। ଓଡ଼ିଶା ଫରେଷ୍ଟ ଆଇନ ଅନୁସାରେ ଆଦିବାସୀ ମାନଙ୍କୁ ଜମିପଟ୍ଟା ଦେବାର ବ୍ୟବସ୍ଥା ଥିବା ବେଳେ ବିଜେପି ସରକାର ତାଙ୍କର ଜମି ହଡ଼ପ କରିବା ଅତ୍ୟନ୍ତ ନିନ୍ଦନିୟ । ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଥିଲେ ଯେ ଆସନ୍ତା ଏପ୍ରିଲ ୨୮ରେ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ସମ୍ବିଧାନ ବଞ୍ଚାଅ ଦିବସ ପାଳନ କରାଯିବା ସହିତ ଆସନ୍ତା ମେ ମାସ ୩ ତାରିଖରୁ ୧୦ ତାରିଖ ଯାଏଁ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଏ କାର୍ଯ୍ୟକ୍ରମ କରାଯିବ। ମେ ମାସ ୧୧ ତାରିଖରୁ ୧୭ ତାରିଖ ଯାଏଁ ରାଜ୍ୟର ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ଏ କାର୍ଯ୍ୟକ୍ରମକୁ ପାଳନ କରାଯିବା ସହିତ ମେ ମାସ ୨୦ ତାରିଖରୁ ୩୦ ତାରିଖ ଯାଏଁ କଂଗ୍ରେସ କାର୍ଯ୍ୟକର୍ତ୍ତା। ଓଡ଼ିଶାର ପ୍ରତ୍ୟେକ ଗାଁର ଘରକୁ ଘର ଯାଇ ସମ୍ବିଧାନ ବଞ୍ଚାଅ ଦିବସ ପାଳନ କରିବା ସହିତ ଲୋକଙ୍କ ପାଖକୁ ଯାଇ ତାଙ୍କର ନାର୍ଯ୍ୟ ଦାବି ଏବଂ ଅଧିକାର ସମ୍ପର୍କରେ ସଚେତନ କରାଇବେ ।

ଓଡ଼ିଶାରେ ଓଡିସିସି ବର୍ଗଙ୍କ ଜନସଂଖ୍ୟା ୫୪ ପ୍ରତିଶତ ଥିବା ବେଳେ ରୋଜଗାର କରୁଥିବା ସଂଖ୍ୟା ମାତ୍ର ୧୧.୨୫ ପ୍ରତିଶତ। ମଣ୍ଡଳ କମିଶନଙ୍କ ସୁପାରିସ ଅନୁସାରେ ୨୭ ପ୍ରତିଶତ ଆରକ୍ଷଣର ବ୍ୟବସ୍ଥା କରାଯିବା ସ୍ଥଳେ ତାହା ଯଥେଷ୍ଟ କମ ରହିଛି ଏବଂ ଶିକ୍ଷା କ୍ଷେତ୍ରରେ ଶୂନ ପ୍ରତିଶତ ଆରକ୍ଷଣର ସୁବିଧା ଦିଆଯାଇଛି । ସମାନ ଭାବରେ ଦଳିତ ଆଦିବାସୀଙ୍କ ଜନସଂଖ୍ୟା ଓଡ଼ିଶାରେ ୪୦ ପ୍ରତିଶତ ଥିଲେ। ମଧ୍ୟ ରୋଜଗାର କ୍ଷେତ୍ରରେ ମାତ୍ର ୩୮.୭୫ ପ୍ରତିଶତ ଆରକ୍ଷଣର ବ୍ୟବସ୍ଥା ଅଛି । ପୂର୍ବରୁ ଓଡ଼ିଶାରେ କଂଗ୍ରେସ ସରକାର ଥିବା ସମୟରେ ଓବିସି ବର୍ଗଙ୍କ ପାଇଁ ୨୭ ପ୍ରତିଶତ ଆରକ୍ଷଣର ସୁବିଧା ଥିଲା କିନ୍ତୁ ୨୦୦୭ ମସିହା ପରେ ବିଜେଡ଼ି ସରକାର ସମୟରେ ତାଙ୍କୁ ଉଚ୍ଛେଦ କରାଗଲା । ବର୍ତ୍ତମାନ ମଧ୍ୟ ଓଡ଼ିଶାର ବିଜେପିର ଡବଲ ଇଞ୍ଜିନ ସରକାର ଆସିଲାପରେ ଓବିସି ବର୍ଗଙ୍କ ପ୍ରତି କ୍ରମାଗତ ଅବିଚାର ହୋଇଚାଲିଛି ।

ବିଧାୟକ ଦଳ ନେତା ରାମ ଚନ୍ଦ୍ର କାଡାମ କହିଲେ ଯେ ଓଡ଼ିଶାରେ ଡବଲ ଇଞ୍ଜିନ ସରକାରରେ ଆଦିବାସୀମାନେ ସଂପୂର୍ଣ୍ଣ ଭାବରେ ଅସୁରକ୍ଷିତ। ପେଷା ଆଇନ ସମଗ୍ର ଦେଶରେ ଅନେକ ରାଜ୍ୟରେ ଲାଗୁ ହୋଇସାରିଥିଲେ ମଧ୍ୟ ଓଡ଼ିଶାରେ ବିଜେପି ସରକାର ଜାଣିଶୁଣି ଏ ଆଇନକୁ ଲାଗୁ କରୁନାହିଁ । ଆଦିବାସୀଙ୍କ ଉପରେ ହେଉଥିବା ସରକାରୀ ଆକ୍ରମଣ ବିରୁଦ୍ଧରେ କଂଗ୍ରେସ ସେହି ଅଞ୍ଚଳରେ ଜୋରଦାର ଆନ୍ଦୋଳନ କରିବା ସହିତ ତାଙ୍କର ସ୍ୱାର୍ଥରକ୍ଷା କରିବା ପାଇଁ ତୃଣମୂଳ ସ୍ତରରୁ କାର୍ଯ୍ୟକ୍ରମ ହାତକୁ ନେବ।

# ରେଳ ଭିତ୍ତିଭୂମିରେ ପ୍ରମୁଖ ପରିବର୍ତ୍ତନ ଆଣିଛି ଅମୃତ ଷ୍ଟେସନ ଯୋଜନା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଆଞ୍ଚଳିକ ବିକାଶ ଏବଂ ଭିତ୍ତିଭୂମି ଆଧୁନିକୀକରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଭାରତୀୟ ରେଳ ଓଡ଼ିଶାର କେବିକେ (କଳାହାଣ୍ଡି-ବଲାଙ୍ଗିର-କୋରାପୁଟ) ଜିଲ୍ଲାର ପ୍ରମୁଖ ରେଳ ଷ୍ଟେସନଗୁଡ଼ିକ ପାଇଁ ଅମୃତ ଷ୍ଟେସନ ଯୋଜନା ଅଧୀନରେ ଏକ ବ୍ୟାପକ ପୁନର୍ବିକାଶ ପଦକ୍ଷେପ ଆରମ୍ଭ କରିଛି। ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପର ଲକ୍ଷ୍ୟ ହେଉଛି ଷ୍ଟେସନଗୁଡ଼ିକୁ ଆଧୁନିକ ଯାତ୍ରୀ ସୁବିଧା, ବ୍ୟବହାରଯୁକ୍ତ ଡିଜାଇନ୍ ଏବଂ ଉନ୍ନତ ସୁଗମତା ସହିତ ସଜ୍ଜିତ କରି ସ୍ଥାନୀୟ ଅଞ୍ଚଳରେ ରେଳ ଭିତ୍ତିଭୂମିରେ ବିପ୍ଳବ ଆଣିବା। ଅମୃତ ଷ୍ଟେସନ ଯୋଜନା ଭାରତୀୟ ରେଳବାଇର ପ୍ରମୁଖ ଏବଂ ମଧ୍ୟ-ସ୍ତରୀୟ ରେଳ ଷ୍ଟେସନଗୁଡ଼ିକୁ ଉନ୍ନତ କରିବା ପାଇଁ ଏକ ପଦକ୍ଷେପର ଅଂଶ



ଯାହା ସେମାନଙ୍କୁ ଭିତ୍ତିଭୂମି ଏବଂ ସେବାର ଆନ୍ତର୍ଜାତୀୟ ମାନଦଣ୍ଡ ସହିତ ସମନ୍ୱିତ କରିଥାଏ। କେବିକେ ଅଞ୍ଚଳରେ ବଲାଙ୍ଗୀର, ଟିଟିଲାଗଡ, କଣ୍ଟାବାଞ୍ଜୀ, କେସିଙ୍ଗା, ଭବାନୀ ପାଟଣା, ରାୟଗଡା, ମୁନିଗୁଡ଼ା, ଗୁଣୁପୁର, କୋରାପୁଟ, ଜୟପୁର, ଦମନଯୋଡ଼ି, ହରିଶଙ୍କର ରୋଡ, ଏବଂ ଖରିଆର ରୋଡ୍ ସମେତ ଷ୍ଟେସନଗୁଡିକ ପୁନର୍ବିକାଶ ପାଇଁ ଚୟନ କରାଯାଇଛି।

**ପୁନର୍ବିକାଶର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ :**

**ଆଧୁନିକ ଭିତ୍ତିଭୂମି:** ଉନ୍ନତ ପ୍ରତୀକ୍ଷା ଲାଉଞ୍ଜ, ଉନ୍ନତ ଟିକେଟ ପ୍ରଣାଳୀ ଏବଂ ଉନ୍ନତ ପ୍ଲାଟଫର୍ମ ପୃଷ୍ଠ ସହିତ ଷ୍ଟେସନ କୋଠାଗୁଡ଼ିକୁ ପୁନଃ-ଡିଜାଇନ୍ କରାଯାଇଛି ।

**ଉନ୍ନତ ସୁଗମତା:** ବରିଷ୍ଠ ନାଗରିକ, ଦିବ୍ୟାଙ୍ଗଜନ ଯାତ୍ରୀ ଏବଂ ପିଲା ଥିବା ପରିବାର ପାଇଁ ଯାତାୟାତକୁ ସହଜ କରିବା ପାଇଁ ପାଦଚଲା ଓଭରବ୍ରିଜ୍ ସ୍ଥାପନ ।

**ପରିବେଶ-ଅନୁକୂଳ ବିକାଶ:** ସବୁଜ ନିର୍ମାଣ କୌଶଳ, ସୌରଶକ୍ତି ସମାଧାନ, ଜଳ ସଂରକ୍ଷଣ ପ୍ରଣାଳୀ ଏବଂ ବର୍ଜ୍ୟବସ୍ତୁ ପରିଚାଳନା ପଦ୍ଧତିର ବ୍ୟବହାର ।

**ଯାତ୍ରୀ-କେନ୍ଦ୍ରିକ ସୁବିଧା:** ହାଇ-ସ୍ପିଡ୍ ୱାଇ-ଫାଇ, ଡିଜିଟାଲ୍ ସୂଚନା ବୋର୍ଡ, ସ୍ୱଚ୍ଛତା ଓ ସ୍ୱାଚ୍ଛନ୍ଦ୍ୟ ଏବଂ ଆଧୁନିକ ଶୌଚାଳୟ, ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା ଏବଂ ଉନ୍ନତ ଖାଦ୍ୟ ଯୋଗାଣ ସୁବିଧା ।

**ସହରାଞ୍ଚଳ ସମନ୍ୱୟ:** ଡ୍ରପ୍-ଅଫ୍/ପିକ୍-ଅପ୍ ଲେନ୍, ପର୍ଯ୍ୟାପ୍ତ ପାର୍କିଂ ଏବଂ ଉନ୍ନତ ଯୋଗାଯୋଗ ରାସ୍ତା ସହିତ ପୁନଃଡିଜାଇନ୍ କରାଯାଇ ଥିବା ଷ୍ଟେସନ ଚଳପ୍ରଚଳ ଅଞ୍ଚଳ।

**ସ୍ଥାନୀୟ ଅର୍ଥନୀତିକୁ ପ୍ରୋତ୍ସାହନ:** ଏହି ଉନ୍ନୟନଗୁଡ଼ିକର ଲକ୍ଷ୍ୟ ହେଉଛି ପର୍ଯ୍ୟଟନ ବୃଦ୍ଧି, ଆଞ୍ଚଳିକ ଗତିଶୀଳତାରେ ଉନ୍ନତି ଏବଂ ନିଯୁକ୍ତି ସୃଷ୍ଟି କରି ସ୍ଥାନୀୟ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା।

# ରବି ଋତୁ ଧାନ କିଣା ପାଇଁ ରାଜ୍ୟସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

## ମଇ ୧ରୁ ୨୦ଟି ଜିଲ୍ଲାରେ ଧାନକିଣା, ୧୪ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଚଳିତ ରବି ଋତୁରେ ଚାଷୀମାନଙ୍କଠାରୁ ଧାନ କିଣିବା ନିମନ୍ତେ ବ୍ୟାପକ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଭିଡିଓ କନ୍‌ଫରେନ୍‌ସିଂ ମାଧ୍ୟମରେ ସଂପୃକ୍ତ ଜିଲ୍ଲାପାଳ ଓ ଯୋଗାଣ ଅଧିକାରୀ ଯୋଗ ଦେଇଥିବାବେଳେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ ଧାନକିଣା ପାଇଁ ପ୍ରଶାସନିକ ଓ ବୈଷୟିକ ପ୍ରସ୍ତୁତି ସଂକ୍ରାନ୍ତରେ ଆଲୋଚନା ପାଇଁ ଉପସ୍ଥାପନ କରିଥିଲେ।

ପ୍ରାରମ୍ଭରେ ଶ୍ରୀ ସିଂ କହିଲେ ଯେ, ଗତ ଖରିଫ୍ ଋତୁରେ ପ୍ରାୟ ୧୬ ଲକ୍ଷ ୬୦ ହଜାର ଚାଷୀଙ୍କଠାରୁ ପ୍ରାୟ ୭୩ ଲକ୍ଷ ୪୫ ହଜାର ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଥିଲା। ଏଥିନିମନ୍ତେ ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ବାବଦକୁ ୧୬ ହଜାର ୮୫୩ କୋଟି ଏବଂ ଇନ୍‌ପୁଟ୍ ସହାୟତା ବାବଦକୁ ୫୮୬୨ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ସେହିଭଳି ଚଳିତ ରବି ଋତୁ ପାଇଁ ଆସନ୍ତା ମଇ ୧ ତାରିଖରୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଧାନକିଣା ଆରମ୍ଭ ହେବ। ଚଳିତ ଋତୁରେ ୧୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଛି। ଏଥିନିମନ୍ତେ ପ୍ରାୟ ୩ ଲକ୍ଷ ୩୭ ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି। ଯାହା ଗତବର୍ଷ ତୁଳନାରେ ପ୍ରାୟ ୧୨୨ ପ୍ରତିଶତ ଅଧିକ ରହିଛି। ଚଳିତ ବର୍ଷ କନ୍ଧମାଳ, ସୁନ୍ଦରଗଡ଼ ଓ ଭଦ୍ରକ ଜିଲ୍ଲାରୁ ନୂତନ ଭାବେ ଧାନକିଣା ଆରମ୍ଭ ହେଉଥିବାବେଳେ ରବି ଋତୁରେ ମୋଟ୍ ୨୦ଟି ଜିଲ୍ଲାରେ ୯୬୫ଟି ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ଧାନକିଣା ହେବ। ଏଥିରେ ମଧ୍ୟ ୨୦୦ଟି ସ୍ୱୟଂ ସହାୟକ ଗୋଷ୍ଠୀ ଏହି ପ୍ରକ୍ରିୟାରେ ସାମିଲ ହୋଇଛନ୍ତି।

ଯେଉଁଭଳି ଯୋଗ୍ୟ ଚାଷୀ ଧାନକିଣାରୁ ବଞ୍ଚିତ ନହୁଅନ୍ତି ଏଥିପ୍ରତି ଯଥେଷ୍ଟ ଧ୍ୟାନ ଦେବା ପାଇଁ ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀ ଏବଂ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ମହାକାଶ ଉପଯୋଗ କେନ୍ଦ୍ର ଦ୍ୱାରା ଉପଗ୍ରହ ଜରିଆରେ ଧାନଜମିର ଉତୋଳିତ ଫଟୋ ଓ ଡିଜିଟାଲ ଶସ୍ୟ ସର୍ବେକ୍ଷଣକୁ ବ୍ୟବହାର କରି ଚାଷୀମାନଙ୍କୁ ଟୋକନ୍ ପ୍ରଦାନ କରାଯାଉଥିବାରୁ ଶ୍ରୀ ଆହୁଜା ଖୁସି ବ୍ୟକ୍ତ କରିଥିଲେ। ପ୍ରତ୍ୟେକ ମଣ୍ଡିରେ ନୋଡାଲ ଅଫିସର ଓ ୩ରୁ ୪ଟି ମଣ୍ଡିକୁ ନେଇ ସୁପରଭାଇଜର ନିଯୁକ୍ତି ତୁରନ୍ତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ମଣ୍ଡି ମନିଟରିଂ ଆପ୍ ମାଧ୍ୟମରେ ସେମାନଙ୍କର ପଞ୍ଜୀକରଣ କରିବାପାଇଁ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଚାଷୀମାନେ ମଣ୍ଡିରେ ଧାନ ବିକ୍ରୟ କରି ସୁଖଦ ଅନୁଭବ ନେଇ ପାରିବେ ଏବଂ ଧାନକିଣା ସମ୍ପର୍କିତ ଅଭିଯୋଗ ଗୁଡିକ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଛି ।

ଖରିଫ ଭଳି ଚଳିତ ରବିଋତୁରେ ମଧ୍ୟ ଧାନ କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା ଓ ଇନ୍‌ପୁଟ୍ ସହାୟତା ବାବଦକୁ ୮୦୦ ଟଙ୍କା ଭାବେ ମୋଟ୍ ୩୧୦୦ ଟଙ୍କା ଧାନକିଣାର ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ଆକାଉଣ୍ଟକୁ ସିଧାସଳଖ ଭାବେ ପ୍ରଦାନ କରାଯିବ। ଏଥିପୂର୍ବରୁ ସଂପୃକ୍ତ ଚାଷୀମାନଙ୍କର ବ୍ୟାଙ୍କ୍ ଆକାଉଣ୍ଟ ଆଧାର ସଂଯୋଗୀକରଣ ନେଇ ଯାଞ୍ଚ କରାଯାଉଛି । ଏଥିସହ ନିର୍ଦ୍ଦେଶ ନିୟନ୍ତ୍ରଣ ଓ ଅଭିଜ୍ଞତା କେନ୍ଦ୍ରକୁ ୧୯୬୭ ମାଧ୍ୟମରେ ଧାନକିଣା ନେଇ ଅଭିଯୋଗ କରିପାରିବେ । ପ୍ରତ୍ୟେକ ମଣ୍ଡିରେ ପାନୀୟ ଜଳ ସହ ଆନୁଷଙ୍ଗିକ ସୁବିଧା ଉପଲବ୍ଧ କରାଇବା ସହ ସିସିଟିଭିର ବ୍ୟବସ୍ଥା କରାଯାଇଛି । ଅଦିନିଆ ବର୍ଷା ଓ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମଣ୍ଡିରେ ରଖାଯାଇଥିବା ଧାନର ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେହିଭଳି ବାହାର ରାଜ୍ୟର ଧାନଗାଡ଼ି ଯେଉଁଭଳି ଆମ ରାଜ୍ୟ ଭିତରକୁ ନଆସେ ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ସହ ସ୍କ୍ୱାଡ୍ ନିୟୋଜନ ପାଇଁ ପରାମର୍ଶ ଦିଆଯାଇଛି। ମଣ୍ଡିରୁ ମିଲ୍‌କୁ ଯାଉଥିବା ଧାନଗାଡ଼ି ଗୁଡ଼ିକ ଉପରେ ସିସିଟିଭି ସଂଯୋଗ କରାଯିବ। ଏଥିନିମନ୍ତେ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ବିଭିନ୍ନ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ।

ଉକ୍ତ ବୈଠକରେ ମିଶନ ଶକ୍ତି କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ, ପରିବହନ କମିଶନର ଅମିତାଭ ଠାକୁର, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ୍ ସକ୍‌ସେନା, ଭାରତୀୟ ଖାଦ୍ୟ ନିଗମ ଓ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ବରିଷ୍ଠ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଗରିବ ଭୂମିହୀନଙ୍କୁ ଜାଗା ଦେବା ନେଇ ସରକାର ପ୍ରତିଶ୍ରୁତିବଦ୍ଧ : ରାଜସ୍ୱ ମନ୍ତ୍ରୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ଏକ ରାଜସ୍ୱ ସମୀକ୍ଷା ବୈଠକ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରି, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ ନାୟକ, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ, କେନ୍ଦ୍ରାପଡ଼ା ଲୋକସଭା ସାଂସଦଙ୍କ ପ୍ରତିନିଧି ତଥା ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ବିଡିଓ ଅଭିଷେକ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ ଓ ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ ଯେ, ଲୋକମାନଙ୍କ



ନିକଟରେ ମୌଳିକ ସୁବିଧା ଓ ରାଜ୍ୟ ସରକାରଙ୍କ ଜନମଙ୍ଗଳକାରୀ ଯୋଜନାଗୁଡିକୁ ପହଞ୍ଚାଇବା ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଆଗାମୀ ୪ ବର୍ଷ ଭିତରେ ଗରିବ ଭୂମିହୀନ ବ୍ୟକ୍ତିଙ୍କୁ ରାଜ୍ୟ ସରକାର ୪ ଡେସିମିଲ ଜାଗା ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ। ଗାଁର ବିକାଶ ହେଲେ ରାଜ୍ୟର ବିକାଶ ହେବ। ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରି ରାଜ୍ୟ ସରକାରଙ୍କର ଜନମଙ୍ଗଳକାରୀ ଯୋଜନାର ସଫଳ ରୂପାୟନ, ରାଜସ୍ୱ ଆଦାୟ, ପର୍ଯ୍ୟଟନ ଶିଳ୍ପର ବିକାଶ ନିମନ୍ତେ ଆବଶ୍ୟକ ଭିତ୍ତିଭୂମିର ବିକାଶ ଓ ଲଘୁ ଖଣିଜ ପଦାଥର୍ର ଚୋରା ଚାଲାଣ ରୋକିବା ପାଇଁ ନିର୍ଦ୍ଦେଶ ଦେବା ସହ ଜନ ଶୁଣାଣିରେ ଲୋକ ମାନଙ୍କର ଅଭିଯୋଗ ଗୁଡିକର ତ୍ୱରିତ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକେର ଜିଲ୍ଲାସ୍ତରୀୟ ଓ ମଣ୍ଡଳ ସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

# ଶିମିଳିପାଳରେ ଅଛନ୍ତି ୪୦ ମହାବଳ : ପିସିସିଏଫ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବନ୍ୟପ୍ରାଣୀ ପିସିସିଏଫ୍ ପ୍ରେମ କୁମାର ଝା'ଙ୍କ ବଡ଼ ସୂଚନା । ଶିମିଳି-ପାଳରେ ଅଛନ୍ତି ୪୦ ମହାବଳ । ସେଥିମଧ୍ୟରୁ ୬ଟି ବାଘ ଶାବକ ଅଛନ୍ତି। ଚଳିତ ବର୍ଷ କ୍ୟାମେରା ଟ୍ରାପରୁ ଏହା ସ୍ପଷ୍ଟ ହୋଇଛି। ଜିନତ୍ ଓ ଯମୁନା ବ୍ୟତୀତ ଶିମିଳିପାଳରେ ଥିବା ଆଡଲ୍ଟ ମହାବଳ ମଧ୍ୟରୁ ୧୩ଟି ପୁରୁଷ ମହାବଳ ଓ ୧୭ଟି ବାଘୁଣୀ ଅଛନ୍ତି। ଅନ୍ୟ ଦୁଇଟି ମହାବଳ ପୁରୁଷ ନା ବାଘୁଣୀ ତାହା ସ୍ପଷ୍ଟ ହୋଇ ପାରିନି । ସେହିପରି ଶିମିଳିପାଳରେ ଥିବା ମହାବଳ ମଧ୍ୟରୁ ୧୮ ଟି କଳା ମହାବଳ ଅଛି। ଆଗାମୀ ୧୦ ବର୍ଷ ମଧ୍ୟରେ ଏ ସଂଖ୍ୟା ୧୦୦କୁ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛି ବନ ବିଭାଗ।

# ଇମ୍ଫା ପକ୍ଷରୁ ଜ୍ଞାନ ଆଦାନ ପ୍ରଦାନ କାର୍ଯ୍ୟକ୍ରମ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଭାରତ ସରକାରଙ୍କ ଇସ୍ପାତ ଓ ଖଣି ମନ୍ତ୍ରଣାଳୟର ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ଆନୁକୂଲ୍ୟରେ ସ୍ଥାନୀୟ ଇମ୍ଫା କାରଖାନାରେ କାର୍ଯ୍ୟରତ ବୃତ୍ତିଗତ ମାନଙ୍କ ପାଇଁ 'ସର୍ତ୍ତାବଳୀ ଆଧାରିତ ମନିଟରିଂ ଏବଂ ନିର୍ଭରଯୋଗ୍ୟତା ବିଶ୍ଲେଷଣ' ଉପରେ ଏକ ଜ୍ଞାନ ଆଦାନପ୍ରଦାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଚୌଦ୍ୱାରସ୍ଥିତ ଇମ୍ଫା କରାଖାନା ପରିସରରେ ଆୟୋଜିତ ଏହି କର୍ମଶାଳାରେ ବିଶେଷଜ୍ଞ



ପ୍ରଫେସର ଡକ୍ଟର ଇଶାମ ପାଣିଗ୍ରାହୀ, ଡ. ଅଶ୍ୱିନୀ କୁମାର, ଡ. ଇତିଶ୍ରୀ ରାଉତ ପ୍ରମୁଖ ବିଶେଷଜ୍ଞ ଯୋଗଦେଇ ବ୍ୟବହାରିକ ପଦ୍ଧତି ବ୍ୟବହାର କରି ପ୍ରଭାବଶାଳୀ ରକ୍ଷଣାବେକ୍ଷଣ ପରିଚାଳନା, ନିର୍ଭରଯୋଗ୍ୟତା ବିଶ୍ଲେଷଣ, ଅବସ୍ଥା ଆଧାରିତ ମନିଟରିଂ ଏବଂ ତୈଳ ବିଶ୍ଲେଷଣ ଉପରେ ବିଶେଷ ଭାବେ ଆଲୋଚନା କରିଥିଲେ। ପ୍ରଫେସର ସତ୍ୟପ୍ରାୟ ଶତପଥି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ କାରଖାନାରେ କାର୍ଯ୍ୟରତ ବହୁ ଅଧିକାରୀ, ବିଶେଷଜ୍ଞ ଓ କର୍ମଚାରୀ ଯୋଗଦେଇଥିଲେ।

# ଆରଆଇ ଅମିନ ପରୀକ୍ଷାରେ ଜିରୋ କରପ୍ସନକୁ ଗୁରୁତ୍ୱ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଆରଆଇ ଅମିନ ପରୀକ୍ଷାରେ ସ୍ୱଚ୍ଛତା ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି ପୂର୍ବ ସରକାର କରିଯାଇଥିବା ବ୍ୟବସ୍ଥାକୁ ଆମେ ଉତ୍ତରାଧିକାରୀ ଭାବେ ପାଇଛୁ। ଏହି ପରୀକ୍ଷା ରାଜ୍ୟ ସରକାର କରନ୍ତି ନାହିଁ। ପୂର୍ବ ସରକାର ସମୟରୁ ଏହାକୁ ଓଏସଏସସି କରୁଛି। ତାହା ବି ଆଉଟ ସୋର୍ସ ମାଧ୍ୟମରେ। ସେ ଆଉଟ ସୋର୍ସ ସଂସ୍ଥା ମଧ୍ୟ ପୁଣି ଆଉ ଗୋଟିଏ ସଂସ୍ଥା ଉପରେ ନିର୍ଭର କରି ପରୀକ୍ଷା ଚଳାଉଛି। ଭିତିଭୂମି ଅଭାବ ଥିବା ସରକାରଙ୍କ ନଜରକୁ ଆସିଛି।ଆମେ ଚେଷ୍ଟା ଏସବୁ କିଭଳି ସୁଧାର ହୋଇପାରିବ। ସବୁ ଭଲ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ । ଗୁଣାତ୍ମକ ମାନ ପ୍ରତି ଦୃଷ୍ଟି ଦିଆଯାଉଛି। ଲୋକଙ୍କ ସେବା କରିବେ। ଜିରୋ କରପ୍ସନକୁ ଗୁରୁତ୍ୱ। ସରକାରୀ ଅଧିକାରୀ ଦୁର୍ନୀତି ହୋଇଥିଲେ ବିଗତ କିଛି ଦିନରେ ସେମାନଙ୍କ ଉପରେ ଆକ୍ସନ ହୋଇଛି। ଏକ ସ୍ୱତନ୍ତ୍ର ଆପ ପ୍ରସ୍ତୁତ ହେଉଛି ଯେଉଁଥିରେ କୌଣସି ତ୍ରୁଟି ବିଚ୍ୟୁତି ହେବ ନାହିଁ । ସବୁ ସେବା ପାଇବା ପାଇଁ ମୋବାଇଲ ମାଧ୍ୟମରେ ଲୋକେ ଆବେଦନ କରିପାରିବେ। ଯେ କୌଣସି ବ୍ୟକ୍ତି ଘରେ ବସି ସାର୍ଟିଫିକେଟ ପାଇପାରିବ। ଲାଂଚର ପ୍ରଶ୍ନ ରହିବ ନାହିଁ।

# ଶ୍ରୀ ଜୟଦେବ ଫାର୍ମାସୀ ମହାବିଦ୍ୟାଳୟରେ ତିନିଦିନିଆ କର୍ମଶାଳା



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱରର ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ ଫାର୍ମାସୀ ମହାବିଦ୍ୟାଳୟର ପଦ୍ମାବତୀ ଅଡିଟୋରିୟମ୍‌ଠାରେ ଗତ ତା. ୨୧.୦୪.୨୦୨୫ ଠାରୁ ତା. ୨୩.୦୪.୨୦୨୫ ପର୍ଯ୍ୟନ୍ତ 'ନାକ୍ ବାଇନାରୀ ଆକ୍ରେଡିଟେସନ୍' ବିଷୟ ଉପରେ ଏକ ତିନିଦିନିଆ କର୍ମଶାଳା ଏନ୍.ଆଇ.ଟି.ଟି.ଟି.ଆର୍ କୋଲକତାର ଭୁବନେଶ୍ୱର ଶାଖା ସହଭାଗିତାରେ ଅନୁଷ୍ଠିତ ହୋଇଯାଇଛି। 'ନାକ୍ ବାଇନାରୀ ଆକ୍ରେଡିଟେସନ୍' ଉପରେ ପର୍ଯ୍ୟବେସିତ ଏହି କର୍ମଶାଳାଟି ଓଡ଼ିଶାରେ ପ୍ରଥମ। ଭୁବନେଶ୍ୱର ଶାଖାର କୋଅର୍ଡିନେଟ୍‌ର ଉତ୍କଳ ରଞ୍ଜନ ଦାସ ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବେଳେ ରିସୋର୍ସ ପର୍ସନ ପ୍ରଫେସର ଡ. ଆର୍. ସୁବାରାଓଙ୍କ ପୁଙ୍ଖାନୁପୁଙ୍ଖ ଆଲୋଚନା ବେଶ୍ ଉଚ୍ଚକୋଟୀର ଥିଲା। ଏଥିରେ ଓଡ଼ିଶାର ବିଭିନ୍ନ କଲେଜରୁ ଭିନ୍ନ ଭିନ୍ନ ବିଭାଗର ୫୭ଜଣ ସଭ୍ୟ ଯୋଗ ଦେଇଥିଲେ। କଲେଜର ଅଧ୍ୟକ୍ଷା ପ୍ରଫେସର ଡ. ନୀଳିମା ଶୁକ୍ଲାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟି ସମ୍ପାଦିତ ହୋଇଥିବା ବେଳେ ଏହାକୁ ପରିଚାଳନା କରିଥିଲେ କଲେଜର ଆଇ.କିୟୁ.ଏ.ସିର ମୁଖ୍ୟ ଆସୋସିଏଟ୍ ପ୍ରଫେସର ପ୍ରଗତି ରଞ୍ଜନ ଶତପଥୀ। କଲେଜର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

# ପାକିସ୍ତାନର ଏୟାରସ୍ପେସ୍ ବନ୍ଦ

**ନୂଆଦିଲ୍ଲୀ**

ଜମ୍ମୁ-କଶ୍ମୀରର ପହଲଗାମରେ ନିରୀହ ପର୍ଯ୍ୟଟକଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ପରେ, ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉ□ଜନା କ୍ରମାଗତ ଭାବରେ ବୃଦ୍ଧି ପାଇବାରେ ଲାଗିଛି। ପାକିସ୍ତାନର ଏୟାରସ୍ପେସ ବନ୍ଦ ହେବା ଯୋଗୁଁ, ଭାରତରୁ ଅନ୍ୟ ଦେଶକୁ ଯାଉଥିବା ବିମାନଗୁଡ଼ିକୁ ଏବେ ଅନ୍ୟ ଏକ ରୁଟ୍ ବ୍ୟବହାର କରିବାକୁ ପଡିବ, ଯାହା ଅଧିକ ଲମ୍ବା ହେବ। ସାଉଦି ଆରବ, ୟୁଏଇ, ଓମାନ ଏବଂ କତାର ଭଳି ଉପସାଗରୀୟ ଦେଶଗୁଡ଼ିକ ପାଇଁ ପାକିସ୍ତାନ ଦେଇ ବିମାନ ମାର୍ଗକୁ ପାକିସ୍ତାନ ତା'ର ଏୟାରସ୍ପେସ ବନ୍ଦ କରିବା ଯୋଗୁଁ ଏୟାର ଇଣ୍ଡିଆ, ଇଣ୍ଡିଗୋ ଭଳି ସମସ୍ତ ଭାରତୀୟ ବିମାନ କମ୍ପାନୀମାନଙ୍କୁ ଲମ୍ବା ରୁଟ୍ ଦେଇ ଉତ୍ତର ଆମେରିକା, ୟୁକେ, ୟୁରୋପ ଏବଂ ମଧ୍ୟପ୍ରାଚ୍ୟକୁ ସେମାନଙ୍କର ବିମାନ ଉଡ଼ାଣ କରିବାକୁ ପଡିବ। ଏହାର ଅର୍ଥ ହେଉଛି ବିମାନଗୁଡ଼ିକୁ ଅଧିକ ଇନ୍ଧନ ଆବଶ୍ୟକ ହେବ। ବିମାନ କର୍ମଚାରୀ ମାନଙ୍କୁ ଅଧିକ ସମୟ କାମ କରିବାକୁ ପଡିବ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସୁଭଦ୍ରା ଯୋଜନାର...

ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଅନୁ ଗର୍ଗ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସୁଭଦ୍ରା ସହ ଜଡ଼ିତ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ମହିଳା ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ବିଭାଗୀୟ ପ୍ରମୁଖ ଅଧିକାରୀବୃନ୍ଦ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ରାଜ୍ୟରେ ଅଂଶୁଘାତରେ...

ସ୍କୁଲ, କଲେଜ ଛୁଟି କରାଯାଇଛି। ଅଙ୍ଗନୱାଡି ବନ୍ଦ ରହିଛି। ପିଲାଙ୍କ ଖାଦ୍ୟ ଘରେ ପହଞ୍ଚାଯିବ। ଶ୍ରମିକମାନେ ମଧ୍ୟ ଦିନ ୧୧ରୁ ୩ ଯାଏଁ କାମ କରିବେ ନାହିଁ। ସମସ୍ତଙ୍କ ପାଇଁ ଆଡ଼ଭାଇଜରି ଜାରି ହୋଇଛି। ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ନିଖୁଣ ବ୍ୟବସ୍ଥା ହୋଇଛି। ସାରା ରାଜ୍ୟରେ ଯେଉଁ ଏସଓପି ପାଳନ ହେବ ତା ପରେ ମଧ୍ୟ ଯଦି ଆବଶ୍ୟକ ପଡେ ତେବେ ଜିଲ୍ଲାପାଳ ଜିଲ୍ଲା ସ୍ଥିତି ଦେଖି ନିଷ୍ପତ୍ତି ନେଇପାରିବେ। ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କୁ ଅବଗତ କରାଇବେ। ଓଡ଼ିଶାର ସମସ୍ତ ପିଏଚସି, ସିଏଚସିରେ ସବୁ ପ୍ରକାର ବ୍ୟବସ୍ଥା ହୋଇଛି। ସମ୍ପୂର୍ଣ୍ଣ ସ୍ଥିତି ନିୟନ୍ତ୍ରଣରେ ଅଛି। ବୟସ୍କ ଲୋକେ ଘରେ ରୁହନ୍ତୁ। ଛୋଟ ପିଲା ବାହାରକୁ ବାହାରନ୍ତୁ ନାହିଁ ବୋଲି ମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

## ବିସ୍ଫୋରଣରେ ୨ ଜଣ ଲସ୍କର-ଏ...

ବିସ୍ଫୋରକ ସାମଗ୍ରୀ ମିଳିବା ପରେ ସୁରକ୍ଷା ବାହିନୀ ଘରର ବାସିନ୍ଦା ଏବଂ ପଡ଼ୋଶୀମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବାକୁ ବାଧ୍ୟ ହୋଇଥିଲା। ବିସ୍ଫୋରଣରେ ଉଭୟ ଘର କ୍ଷତିଗ୍ରସ୍ତ ହୋଇଥିଲା, ଯାହା ଫଳରେ ସେଗୁଡ଼ିକ ଧ୍ୱଂସ ହୋଇଯାଇଥିଲା ବୋଲି ଅଧିକାରୀମାନେ କହିଛନ୍ତି।

## ଶପଥ ନେଲେ ନବନିଯୁକ୍ତ...

ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍ ରାଜପୁତ, ସୂଚନା ଓ ଲୋକ ସଂପର୍କ ବିଭାଗର ନିର୍ଦ୍ଦେଶକ ଦେବ ପ୍ରସାଦ ଦାଶ, ସୂଚନା ଓ ଲୋକ ସଂପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ଗୁରୁବୀର ସିଂହଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଡାକ୍ତର ଦାମୀ ମେଡିସିନ...

ରଦ୍ଦ କରି ଦେଇଛନ୍ତି କୋର୍ଟ। ୨୦୧୬ ମସିହାରେ ଡାକ୍ତର ଦମ୍ପତିଙ୍କ ବିରୋଧରେ ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ ହୋଇଥିଲା। ତେବେ ଭିଜିଲାନ୍ସ ମାମଲାକୁ ଚ୍ୟାଲେଞ୍ଜ କରି ଉଭୟ ଡାକ୍ତର ଦମ୍ପତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ଏହି ମାମଲାର ଶୁଣାଣି କରି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଏହି ମାମଲାରେ କୌଣସି ପ୍ରାଥମିକ ତଦନ୍ତ ବିନା ଆବେଦନକାରୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଯେକୌଣସି ଘଟଣାରେ ପ୍ରାଥମିକ ତଦନ୍ତ କରାଯିବା ବାଧ୍ୟତାମୂଳକ ରହିଛି। ଆବେଦନକାରୀ ଡାକ୍ତର ଦମ୍ପତି ଯେହେତୁ ପ୍ରସିଦ୍ଧ ଡାକ୍ତର ତେଣୁ ସେମାନଙ୍କ କ୍ଷେତ୍ରରେ ବିଶେଷଜ୍ଞଙ୍କ ଦ୍ୱାରା ଅଭିଯୋଗର ପ୍ରାଥମିକ ତଦନ୍ତ କରାଯିବାର ନିହାତି ଆବଶ୍ୟକତା ଥିଲା। ମାତ୍ର ଭିଜିଲାନ୍ସ ପକ୍ଷରୁ ସଠିକ ଢଙ୍ଗରେ ତଦନ୍ତ କରାଯାଇ ନାହିଁ। ମାମଲା ବିବରଣୀରୁ ଜଣାପଡ଼ିଛି ଯେ, ଉଭୟ ଡାକ୍ତର ଦମ୍ପତି ଆଚାର୍ଯ୍ୟ ହରିହର କର୍କଟ ଚିକିତ୍ସା ପ୍ରତିଷ୍ଠାନରେ ଏକ ଫାର୍ମା କମ୍ପାନୀକୁ ଅହେତୁକ ଅନୁକମ୍ପା ଦେଖାଇବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଭିଜିଲାନ୍ସ ପକ୍ଷରୁ ଡାକ୍ତର ଦମ୍ପତିଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା ଏବଂ ଡାକ୍ତର ସୁରେନ୍ଦ୍ରନାଥ ସେନାପତିଙ୍କୁ ଭିଜିଲାନ୍ସ ଗିରଫ ମଧ୍ୟ କରିଥିଲା। ତେବେ ଡାକ୍ତର ଦାମୀ ମେଡ଼ିସିନ ଲେଖିବା କୌଣସି ଅପରାଧ ନୁହେଁ କାରଣ ଡାକ୍ତରଙ୍କ କର୍ତ୍ତବ୍ୟ ହେଉଛି ଜଣେ ରୋଗୀଙ୍କୁ ସଠିକ ଚିକିତ୍ସା କରିବା। ସେହିପରି ଜଣେ ଡାକ୍ତର ଚିକିତ୍ସା କରିବା ସମୟରେ କିଏ ଧନୀ ଆଉ କିଏ ଗରିବ ତାକୁ ବିଚାର କରିବା କରିପାରିବ ନାହିଁ। ସମସ୍ତ ରୋଗୀଙ୍କୁ ସବୁଠାରୁ ଭଲ ମେଡିସିନ ଯୋଗାଇଦେବା ରାଜ୍ୟ ସରକାରଙ୍କ ସାମ୍ବିଧାନିକ କର୍ତ୍ତବ୍ୟ। ଡାକ୍ତରମାନେ ଯଦି ଏକ ନିର୍ଦ୍ଦିଷ୍ଟ ଔଷଧ ଲେଖନ୍ତି ଏବଂ ଏହା ଦ୍ୱାରା ଯଦି ଫାର୍ମା କମ୍ପାନୀ ଲାଭବାନ ହେଉଛି ସେଥିପାଇଁ ଡାକ୍ତରଙ୍କୁ ଦାୟୀ କରାଯାଇ ପାରିବ ନାହିଁ ବୋଲି କୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି। ଏହି କ୍ରମରେ ଡାକ୍ତର ଦମ୍ପତିଙ୍କ ବିରୋଧରେ ରୁଜୁ ଭିଜିଲାନ୍ସ ମାମଲାକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି।

## ଓଡ଼ିଶା ଛାଡ଼ିବାକୁ ୧୨...

ଗୃହ ମନ୍ତ୍ରଣାଳୟ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। ଜମ୍ମୁ କଶ୍ମୀରର ପହଲଗାମରେ ଗତ ମଙ୍ଗଳବାର ଅପରାହ୍ଣ ପ୍ରାୟ ସାଢ଼େ ୨ଟାରେ ଆତଙ୍କବାଦୀମାନେ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଓଡ଼ିଶାରୁ ୨ ଜଣଙ୍କ ସମେତ ମୋଟ ୨୬ ଜଣଙ୍କର ମୃତ୍ୟୁ ହୋଇଥିଲା। ମୃତକମାନଙ୍କ ମଧ୍ୟରେ ଦୁଇ ଜଣ ବିଦେଶୀ ନାଗରିକ ଥିଲେ। ଭାରତ ସରକାର ଦକ୍ଷିଣ କଶ୍ମୀର ଅନନ୍ତନାଗ ଜିଲ୍ଲାର ପହଲଗାମ ଆତଙ୍କବାଦୀ ଘଟଣା ପରେ ଭାରତରେ ବସବାସ କରୁଥିବା ପାକିସ୍ତାନୀମାନଙ୍କୁ ନିଜ ଦେଶକୁ ଫେରିଯିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଫୋନ ଯୋଗେ ଆଲୋଚନା କରିଛନ୍ତି। କେଉଁ ରାଜ୍ୟରେ କେତେ ସଂଖ୍ୟକ ପାକିସ୍ତାନୀ ବସବାସ କରୁଛନ୍ତି ସେନେଇ ସୂଚନା ଦେବାକୁ କେନ୍ଦ୍ର ଗୃହ ବିଭାଗ ପକ୍ଷରୁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଜାରି ହୋଇଛି।

## ଓଡ଼ିଶାରେ ଶିଳ୍ପ...

ସେ କହିଥିଲେ ଯେ, ଓଡ଼ିଶାରେ ଇସ୍ପାତ ଶିଳ୍ପ ହେଉଛି ପ୍ରମୁଖ ଶିଳ୍ପ। ଓଡ଼ିଶା ହେଉଛି ଭାରତର ସର୍ବବୃହତ୍ତ ଲୌହ ପଥର ଉତ୍ପାଦନକାରୀ ରାଜ୍ୟ। ଇସ୍ପାତ କ୍ଷେତ୍ରରେ ଓଡ଼ିଶାର ପ୍ରମୁଖ ଭୂମିକା ରହିଛି। ଅର୍ଥାତ୍ ଦେଶର ଲୁହା ପଥର ଉତ୍ପାଦନର ୫୫ ପ୍ରତିଶତରୁ ଅଧିକ ଓଡ଼ିଶା ରାଜ୍ୟରୁ ଉତ୍ପାଦିତ ହୋଇଥାଏ। ଇସ୍ପାତ ଓ ଆନୁସଙ୍ଗିକ ଶିଳ୍ପର ବିକାଶ କ୍ଷେତ୍ରରେ ଓଡ଼ିଶା ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରିଛନ୍ତି। ଯେଉଁଥିରେ ଉଚ୍ଚ ସରକାରୀ ପଦାଧିକାରୀଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ଟାକ୍ସଫୋର୍ସ ଗଠନ କରାଯାଇଛି। ଏହି ରାଉଣ୍ଡ ଟେବୁଲ୍ ବୈଠକରେ ୨୦୦ରୁ ଅଧିକ ପ୍ରତିନିଧି ଯୋଗଦେଇଥିଲେ। ଦେଶର ବହୁ ବିଶିଷ୍ଟ ଶିଳ୍ପପତି, ପୁଞ୍ଜିନିବେଶକାରୀ ଏବଂ ବିଶେଷ କରି ଇସ୍ପାତ ଶିଳ୍ପ ସହ ସଂପୃକ୍ତ ପ୍ରତିନିଧି ଓ ଅଧିକାରୀଗଣ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ** CAD-218
**ଆକାଶ ଶୋଭା ବିଲ୍ଡିଂ**
**ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧**

ପତ୍ର ସଂଖ୍ୟା ୨୭୩୫୦ / ଭୁ.ଉ.କ., ଭୁବନେଶ୍ୱର **ସୂଚନା** ତା ୧୦.୦୪.୨୦୨୪ରିଖ
KNL-297/93

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କଳିଙ୍ଗ ନଗର ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ମୌଜା-ଶୁବୁଦ୍ଧିପୁର, ଭୁବନେଶ୍ୱର ଅନ୍ତର୍ଗତ LIG ପ୍ଲଟ୍ ନଂ- K-4-1262 କୁ **ଶ୍ରୀ ଦଣ୍ଡଧର ବେହେରା, ପିତା- ପଦନ ବେହେରା, ଗ୍ରାମ-ଜଗନ୍ନାଥପୁର ପାଟଣା, ପୋଷ୍ଟ-ସତପାଟଣା, ଥାନା-ଦଶପଲ୍ଲା, ଜିଲ୍ଲା-ନୟାଗଡ଼, ଓଡ଼ିଶା**ଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ **ଦଣ୍ଡଧର ବେହେରା** ଗତ ତା-୨୨.୧୦.୨୦୨୧ ରିଖରେ ମୃତ୍ୟୁବରଣ କରିଅଛନ୍ତି। **(Death certificate Registration No.15186/2021** dated 02.12.2021.) **Legal heir certificate Misc.Case No. E-LHC/2021/241604 dated 15.04.2022** ଅନୁଯାୟୀ **ଦଣ୍ଡଧର ବେହେରା**ଙ୍କର ଉତ୍ତରାଧିକାରୀ **(୧) ପ୍ରମିଳା ବେହେରା (ସ୍ତ୍ରୀ), (୨) ସୁନିଲ କୁମାର ବେହେରା (ପୁତ୍ର), (୩) ଅନିଲ କୁମାର ବେହେରା (ପୁତ୍ର) ଓ (୪) ମନୋଜ କୁମାର ବେହେରା (ପୁତ୍ର) ଅଟନ୍ତି।**

ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ଉକ୍ତ ଗୃହର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ପ୍ଲଟ୍‌ର ମାଲିକାନାସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

**ସ୍ୱା/- ଆବଣ୍ଟନ ଅଧିକାରୀ-୧**
**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**

ଭୁବନେଶ୍ୱର
୨୬ ଅପ୍ରେଲ,
ଶନିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

### ଟାଇମ୍ସ ହାଇଅର ଏଜୁକେସନ୍ ଏସିଆ ୟୁନିଭରସିଟି ର୍‍ୟାଙ୍କିଂ ପ୍ରକାଶ

# ଭାରତର ଶ୍ରେଷ୍ଠ ୮ମ ସ୍ଥାନରେ କିଟ୍ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର, ୨୫।୦୪:ନ୍ୟୁଜ୍‌ବ୍ୟୁରୋ**

ପ୍ରତିବର୍ଷ ଭଳି ଚଳିତବର୍ଷ 'ଦି ଟାଇମ୍ସ ହାଇଅର ଏଜୁକେସନ୍' ଏସିଆ ୟୁନିଭରସିଟି ର୍‍ୟାଙ୍କିଂ ଫଳାଫଳ ପ୍ରକାଶ ପାଇଛି। ବୁଧବାର ପ୍ରକାଶିତ ବିଶ୍ୱସ୍ତରୀୟ ଏସିଆ ୟୁନିଭରସିଟି ର୍‍ୟାଙ୍କିଂରେ ପୂର୍ବବର୍ଷଗୁଡ଼ିକ ଭଳି ଏବର୍ଷ ମଧ୍ୟ କିଟ୍ ବିଶ୍ୱବିଦ୍ୟାଳୟ ଏହି ର୍‍ୟାଙ୍କିଂରେ ଅତି ଉନ୍ନତ ପ୍ରଦର୍ଶନ କରିଛି। ଚଳିତବର୍ଷ କିଟ୍ ବିଶ୍ୱବିଦ୍ୟାଳୟ ଏସିଆର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ତାଲିକାର ୧୮୪ତମ ସ୍ଥାନରେ ରହିଛି। ଏହା ସହ କିଟ୍ ଦେଶର ସମଗ୍ର ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶ୍ରେଷ୍ଠ ୮ମ ସ୍ଥାନରେ ରହିଥିବା ବେଳେ ସମଗ୍ର ଉତ୍ତର ଓ ପୂର୍ବ ଭାରତରେ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ସ୍ଥାନରେ ରହିବାର ଗୌରବ ଅର୍ଜନ କରିଛି। ଗତବର୍ଷ ଏହି ର୍‍ୟାଙ୍କିଂରେ କିଟ୍ ଏସିଆ ମହାଦେଶର ଶ୍ରେଷ୍ଠ ୧୯୬ତମ ସ୍ଥାନରେ ରହିଥିଲା। ଏହା ସହିତ ଟାଇମ୍ସ ହାଇଅର ଏଜୁକେସନ୍ ଦ୍ୱାରା କରାଯାଇଥିବା ସ୍ପୋର୍ଟସ ସାଇନ୍ସ ବର୍ଗରେ କିଟ୍ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନରେ ରହିବାର ଗୌରବ ଅର୍ଜନ କରିଛି।

ଚଳିତବର୍ଷ କିଟ୍ ଉଲ୍ଲେଖନୀୟ ପ୍ରଦର୍ଶନ କରି ଦେଶର ବିଭିନ୍ନ ଆଇଆଇଟି, ଏନଆଇଟି ଓ ଆଇଆଇଆଇଟି ଭଳି ଦେଶର ଲବ୍ଧ ପ୍ରତିଷ୍ଠିତ ଉଚ୍ଚତର ଶିକ୍ଷାନୁଷ୍ଠାନକୁ ପଛରେ ପକାଇ ଉନ୍ନତ ପ୍ରଦର୍ଶନ କରିପାରିଛି। ଚଳିତବର୍ଷ ଶିକ୍ଷାଦାନ, ଗବେଷଣା, ଜ୍ଞାନ ବିନିମୟ, ଅନ୍ତର୍ଜାତୀୟ ଦୃଷ୍ଟିକୋଣ ଆଦି ବିଭିନ୍ନ ମାନଦଣ୍ଡକୁ ନେଇ ବିଶ୍ୱବିଦ୍ୟାଳୟଗୁଡ଼ିକର ର୍‍ୟାଙ୍କିଂ କରାଯାଇଥିଲା।

ଗତ ୫୦ବର୍ଷ ମଧ୍ୟରେ ପ୍ରତିଷ୍ଠିତ ଏସିଆର ଲବ୍ଧ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନେଇ ଟାଇମ୍ସ ହାଇଅର୍ ଏଜୁକେସନ୍ ପକ୍ଷରୁ ଏହି ଚୟନ ପ୍ରକ୍ରିୟା କରାଯାଇଛି। କିଟ୍ ମାତ୍ର ୨୭ ବର୍ଷର ଅନୁଷ୍ଠାନ ହୋଇଥିବା ବେଳେ ମାତ୍ର ୨୧ବର୍ଷର ବିଶ୍ୱବିଦ୍ୟାଳୟ ଭାବେ ଉପରୋକ୍ତ ସମସ୍ତ ମାନଦଣ୍ଡକୁ ପୂରଣ କରି ସମଗ୍ର ଦେଶରେ ୮ମ ଓ ଏସିଆରେ ୧୮୪ତମ ସ୍ଥାନରେ ରହି ରାଜ୍ୟ ଓ ଦେଶର ଗୌରବ ବୃଦ୍ଧି କରିପାରିଛି। ଏହି ସଫଳତା ପାଇଁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କିଟ୍ ଓ କିସ୍‌ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହା ସହ ଆଗାମୀ ଦିନରେ କିଟ୍ ଆହୁରି ଭଲ ପ୍ରଦର୍ଶନ କରିବ ବୋଲି ଆଶା ପୋଷଣ କରିଛନ୍ତି। ସୂଚନାଯୋଗ୍ୟ, ଟାଇମ୍ସ ହାଇଅର ଏଜୁକେସନ ଦ୍ୱାରା କରାଯାଉଥିବା ବିଭିନ୍ନ ର୍‍ୟାଙ୍କିଂ ସମେତ କ୍ୟୁଏସ୍ ର୍‍ୟାଙ୍କିଂ ଓ ଅନ୍ୟାନ୍ୟ ପ୍ରତିଷ୍ଠିତ ବିଶ୍ୱ ର୍‍ୟାଙ୍କିଂରେ ନିରନ୍ତର ଭାବରେ ସ୍ଥାନ ପାଇବା ସହ ପ୍ରମୁଖ ଅନ୍ତର୍ଜାତୀୟ ମାନ୍ୟତା ହାସଲ କରି କିଟ୍ ବିଶ୍ୱବିଦ୍ୟାଳୟ ରାଜ୍ୟ ତଥା ଦେଶର ଗୌରବ ବୃଦ୍ଧି କରିଛି। ଏହି ମାନ୍ୟତା କିଟ୍‌କୁ ଉଚ୍ଚଶିକ୍ଷାରେ ଉତ୍କର୍ଷତା ଭାବେ ପ୍ରମାଣିତ କରୁଛି।

# ରାଜ୍ୟରେ ଗଠିତ ହେଲା ୪୬ଟି ସିଭିଲ୍ ଜଜ୍ କୋର୍ଟ (ଜୁନିୟର ଡିଭିଜନ୍)

**ଭୁବନେଶ୍ୱର, ୨୫।୦୪:ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ଗଠିତ ହୋଇଛି ୪୬ଟି ନୂଆ ସିଭିଲ୍ ଜଜ୍ କୋର୍ଟ (ଜୁନିୟର ଡିଭିଜନ୍)। ଏହି କୋର୍ଟଗୁଡିକ ବାଲେଶ୍ୱର ଜିଲ୍ଲାର ବାଲିଆପାଳ, ସିମୁଳିଆ, ସୋରୋ, ବାହାନଗା ଓ ଜଳେଶ୍ୱର, ସମ୍ବଲପୁର ଜିଲ୍ଲାର ରେଙ୍ଗାଲି, ବାମରା, କୁଚିଣ୍ଡା ଓ ଜମନକିରା, ରାୟଗଡ଼ା ଜିଲ୍ଲାର ରାୟଗଡା, ପୁରୀ ଜିଲ୍ଲାର ସତ୍ୟବାଦୀ, କେନ୍ଦୁଝର ଜିଲ୍ଲାର ସହରପଡ଼ା ଓ ହରିଚନ୍ଦନପୁର, ମୟୂରଭଞ୍ଜ ଜିଲ୍ଲାର ବହଳଦା, ରାରୁଆଁ, ବିଶୋଇ ଓ ବାରିପଦା, ଜଗତସିଂହପୁର ଜିଲ୍ଲାର ବାଲିକୁଦା ଓ ନୂଆଗାଁ, ସୁନ୍ଦରଗଡ଼ ଜିଲ୍ଲାର ବାଲିଶଙ୍କରା, ଲେଫ୍ରିପଡ଼ା, ବରଗାଁ ଓ କୁଆଁରମୁଣ୍ଡା, କଟକ ଜିଲ୍ଲାର ବାରଙ୍ଗ ଓ କଣ୍ଟାପଡ଼ା, ସୋନପୁର ଜିଲ୍ଲାର ଉଲୁଣ୍ଡା, ବରଗଡ଼ ଜିଲ୍ଲାର ଭଟଲି, ଝାରସୁଗୁଡ଼ା ଜିଲ୍ଲାର କୋଲାବିରା, ଖୋର୍ଦ୍ଧା ଜିଲ୍ଲାର ବାଣପୁର, କୋରାପୁଟ ଜିଲ୍ଲାର ପଟାଙ୍ଗୀ, ଯାଜପୁର ଜିଲ୍ଲାର ରସୁଲପୁର, କୋରେଇ ଓ ଧର୍ମଶାଳା, କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା, ଗରଦପୁର ଓ ମାର୍ଶାଘାଇ, କନ୍ଧମାଳ ଜିଲ୍ଲାର ଟିକାବାଲି, କେ ନୂଆଗାଁ ଓ ଖଜୁରିଆପଡ଼ା, ଭଦ୍ରକ ଜିଲ୍ଲାର ତିହିଡ଼ି, ମାଲକାନଗିରି ଜିଲ୍ଲାର ଖଇରପୁଟ, ଢେଙ୍କାନାଳ ଜିଲ୍ଲାର ଢେଙ୍କାନାଳ, ବଲାଙ୍ଗୀର ଜିଲ୍ଲାର ପାଟଣାଗଡ଼ ଏବଂ ଗଞ୍ଜାମ ଜିଲ୍ଲାର କୁକୁଡ଼ାଖଣ୍ଡି, ଧରାକୋଟ ଓ ଗଞ୍ଜାମ । ଓଡ଼ିଶା ଉଚ୍ଚ ନ୍ୟାୟାଳୟ ସହିତ ପରାମର୍ଶ କ୍ରମେ ରାଜ୍ୟ ସରକାର ଏହି କୋର୍ଟଗୁଡିକ ଗଠନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ଦେବା ପରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ତିନୋଟି କୋର୍ଟ ଗଠନ ହେବା ପରେ ଏହି ସବୁ ରାଜସ୍ୱ ତହସିଲ ଉପରେ କ୍ଷେତ୍ରାଧିକାର ଥିବା ଅନ୍ୟ ସମସ୍ତ ଜୁନିୟର ଡିଭିଜନ୍ ସିଭିଲ୍ ଜଜ୍ କୋର୍ଟଗୁଡିକର ଅଧିକାର ସମାପ୍ତ ହେଲା।

# ଏମ୍ସ ଭୁବନେଶ୍ୱରରେ ଆରମ୍ଭ ହେଲା ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣ

**ଭୁବନେଶ୍ୱର, ୨୫।୦୪:ନ୍ୟୁଜ୍‌ବ୍ୟୁରୋ**

ଏମ୍ସ ଭୁବନେଶ୍ୱରରେ ଆରମ୍ଭ ହୋଇଛି ଅତ୍ୟାଧୁନିକ ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣ ବ୍ୟବସ୍ଥା। ଏହି ସୁବିଧା ପ୍ରଚଳନ ସହିତ ଏମ୍ସ ଭୁବନେଶ୍ୱର ଓଡ଼ିଶା ସମେତ ସମ୍ପୂର୍ଣ୍ଣ ପୂର୍ବଭାରତରେ ପ୍ରଥମ ସରକାରୀ ପ୍ରତିଷ୍ଠାନ ହେବାର ଗୌରବ ଲାଭ କରିଛି। ଏଥିସହିତ ପ୍ରଯୁକ୍ତିବିଦ୍ୟା ସହିତ ଚିକିତ୍ସା ବିଜ୍ଞାନର ସମ୍ମିଶ୍ରଣ କରି ଉନ୍ନତ ଚିକିତ୍ସା ସେବା ପ୍ରଦାନ କ୍ଷେତ୍ରରେ ଆଉ ଏକ ଲପଲବ୍ଧି ହାସଲ କରିଛି ଏହି ଜାତୀୟ ଅନୁଷ୍ଠାନ।



ଏମ୍ସ ଭୁବନେଶ୍ୱର ଅର୍ଥୋପେଡିକ୍ସ ବିଭାଗ ପକ୍ଷରୁ ପଶ୍ଚିମବଙ୍ଗର ଜଣେ ୬୬ ବର୍ଷୀୟା ମହିଳା ରୋଗୀଙ୍କର ପ୍ରଥମ ରୋବୋଟିକ୍ ଆଣ୍ଠୁ ପ୍ରତିରୋପଣ ସଫଳତାର ସହିତ କରାଯାଇଛି। ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାଯୁକ୍ତ ରୋବଟିକ୍ ଆଣ୍ଠୁ ପ୍ରତିରୋପଣ ବେଶ୍ ସୁଗମ ଭାବରେ ସମ୍ପନ୍ନ ହୋଇଛି। ଅସ୍ତ୍ରୋପଚାର ପରେ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଏବଂ ମାତ୍ର ୪୮ ଘଣ୍ଟା ପରେ ସେ ସ୍ୱାଭାବିକ ଭାବେ ଚଲାବୁଲା କରିପାରିବେ ବୋଲି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ପ୍ରକାଶ କରିଛନ୍ତି। ଓଡ଼ିଶା ତଥା ପୂର୍ବ ଭାରତରେ ପ୍ରଥମ ସରକାରୀ ପ୍ରତିଷ୍ଠାନ ଭାବେ ଏହି ପ୍ରକ୍ରିୟା ସମ୍ପାଦନରେ ସଫଳତା ପାଇଁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ ସମ୍ପୂର୍ଣ୍ଣ ଅର୍ଥୋପେଡିକ୍ସ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

# ୱେଭ୍ସ ଶିଖର ସମ୍ମିଳନୀର ବ୍ୟାପକ ପ୍ରଚାରପ୍ରସାର ଉପରେ ଗୁରୁତ୍ୱ ଦେଲେ ପିଆଇବି ଏଡିଜି

**ଭୁବନେଶ୍ୱର, ୨୫।୦୪:ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାରେ କାର୍ଯ୍ୟରତ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ବିଭିନ୍ନ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରୁଥିବା ଆନ୍ତଃ ଗଣମାଧ୍ୟମ ପ୍ରଚାର ସମନ୍ୱୟ ସମିତି (ଆଇଏମପିସିସି) ବୈଠକ ଶୁକ୍ରବାର କଟକ ଆକାଶବାଣୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପିଆଇବି ଓ କେନ୍ଦ୍ରୀୟ ସଂଚାର ବ୍ୟୁରୋ (ସିବିସି)ର ଓଡ଼ିଶା କ୍ଷେତ୍ର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଅଖିଳ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗ ଦେଇ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ବିଶେଷ କରି ଆସନ୍ତା ମଇ ୧ରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇରେ ଆୟୋଜିତ ହେବାକୁ ଥିବା ବିଶ୍ୱ ଦୃଶ୍ୟ ଶ୍ରାବ୍ୟ ମନୋରଞ୍ଜନ ଶିଖର ସମ୍ମିଳନୀ-'ୱେଭ୍ସ' ପାଇଁ ପ୍ରଚାର ରଣନୀତିକୁ ନେଇ ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପିଆଇବି ଏଡିଜି ଶ୍ରୀ ମିଶ୍ର କହିଥିଲେ, ପ୍ରଥମ ଥର ପାଇଁ ୱେଭ୍ସ ଭଳି ସମ୍ମିଳନୀ ଭାରତରେ ଆୟୋଜନ କରାଯାଉଛି। ଏଥିରେ ବିଶ୍ୱ ଗଣମାଧ୍ୟମ, ମନୋରଞ୍ଜନ, ଚଳଚ୍ଚିତ୍ର, ଏଭିଜିସି କ୍ଷେତ୍ରର ପେସାଦାର ଓ ଶିଳ୍ପୋଦ୍ୟୋଗୀମାନେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଏହା ଗଣମାଧ୍ୟମ ଓ ମନୋରଞ୍ଜନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସୃଜନଶୀଳ ପ୍ରତିଭା, ନିର୍ମାତା ଏବଂ ଉଦ୍ୟୋଗୀମାନଙ୍କୁ ଏକ ଅଭିନବ ସୁଯୋଗ ଯୋଗାଇ ଦେବ। ଏହି କାର୍ଯ୍ୟକ୍ରମ ସମ୍ପର୍କରେ ବ୍ୟାପକ ପ୍ରଚାରପ୍ରସାର ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଢେଙ୍କାନାଳସ୍ଥିତ ଭାରତୀୟ ଜନସଂଚାର ପ୍ରତିଷ୍ଠାନ (ଆଇଆଇଏମସି)ର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ କାର୍ଯ୍ୟକ୍ରମରେ ମତ ରଖି କହିଥିଲେ, ୱେଭ୍ସ ଶିଖର ସମ୍ମିଳନୀ ଭାରତର ସାଂସ୍କୃତିକ ବିବିଧତା ଏବଂ ସୃଜନଶୀଳ ପ୍ରତିଭାକୁ ବିଶ୍ୱ ସ୍ତରରେ ଉପସ୍ଥାପନ କରିବା ନିମନ୍ତେ ସୁଯୋଗ ଆଣିଛି। ଭାରତ ବିଶ୍ୱ ସ୍ତରରେ ଦର୍ଶକଙ୍କ ପାଇଁ ଅଧିକ ଗୁଣାତ୍ମକ କଣ୍ଟେଣ୍ଟ ପ୍ରସ୍ତୁତ କରି ଏକ 'ସଫ୍ଟ ପାୱାର' ଭାବେ ନିଜକୁ ପ୍ରତିଷ୍ଠିତ କରିପାରିବ।

# ଖଣିଜ ପ୍ରଯୁକ୍ତି ବିଦ୍ୟା ଉପରେ ଗିରେଡମେଟ ସହ ସିଏସଆଇଆର-ଆଇଏମଏମଟିର ଯୁଗ୍ମ ଘୋଷଣାନାମା

**ଭୁବନେଶ୍ୱର, ୨୫।୦୪:ନ୍ୟୁଜ୍‌ବ୍ୟୁରୋ**

ସିଏସଆଇଆର-ଆଇଏମଏମଟି ପ୍ରତିଷ୍ଠାନ ଋଷିଆର ଜେଏସସି ଗିରେଡମେଟ ସହ ଦୁଇଟି ଯୁଗ୍ମ ଘୋଷଣାନାମା (ଜେଡିଆଇ) ସ୍ୱାକ୍ଷରିତ କରିଛି। ଜେଏସସି ଗିରେଡମେଟ ବା ବିରଳ ମେଟାଲ ଶିଳ୍ପର ରାଜ୍ୟ ରିସର୍ଚ୍ଚ ଆଣ୍ଡ ଡିଜାଇନ ପ୍ରତିଷ୍ଠାନ ଓ ମସ୍କୋର ଜାତୀୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଶ୍ୱବିଦ୍ୟାଳୟ ବା ଏମଆଇଏସଆଇଏସ ସହ ଚୁକ୍ତିନାମା କରାଯାଇଛି।

ଦୁଇଟି ଅଲଗା ଅଲଗା ଯୁଗ୍ମ ଘୋଷଣାନାମାରେ ସିଏସଆଇଆର-ଆଇଏମଏମଟିର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣନ, ଜେଏସସି ରୋସାଟମ ସାଇନ୍ସ କେମିକାଲ ଟେକ୍ନୋଲଜି ୟୁନିଟର ନିର୍ଦ୍ଦେଶକ ଡ. ଆନ୍ଦ୍ରେଇ ଆଇ ଗୋଲିନେଇ, ଏମଆଇଏସଆଇଏସ ଭାଇସ ଡାଇରେକ୍ଟର ଡ. ମାଇକେଲ ଆର ଫିଲୋନୋଭ ସ୍ୱାକ୍ଷର କରିଛନ୍ତି। ସିଏସଆଇଆର-ଆଇଏମଏମଟିର ମୁଖ୍ୟ ବୈଜ୍ଞାନିକ ଡ. କାଳୀ ସଞ୍ଜୟ, ବିଜ୍ଞାନ ଓ ଉଦ୍‌ଭାବନର ଡେପୁଟି ଡାଇରେକ୍ଟର ଡ. କନଷ୍ଟାନଟିନ ଭି ଆଇଭାନଭସ୍କିଖ, ଏମଆଇଏସଏସର ନିର୍ଦ୍ଦେଶକ ଡ. କରୋତଚେଙ୍କୋ ନାଟାଲିଆ, ଭାରତୀୟ ଦୂତାବାସର କାଉନସେଲର ଅନୁପ କୁମାର ଶ୍ରୀବାସ୍ତବ ପ୍ରମୁଖ ଏହି ଘୋଷଣାନାମା ସ୍ୱାକ୍ଷରିତ ହେବା ବେଳେ ଉପସ୍ଥିତ ରହିଥିଲେ। ମସ୍କୋ ଭାରତୀୟ ଦୂତାବାସରେ ସିଏସଆଇଆର-ଆଇଏମଏମଟି ଟିମ୍ ପକ୍ଷରୁ ଏହାର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣନ ଓ ମୁଖ୍ୟ ବୈଜ୍ଞାନିକ ଡ. କାଳୀ ସଞ୍ଜୟ ଭାରତର ରାଷ୍ଟ୍ରଦୂତ ବିନୟ କୁମାରଙ୍କୁ ସାକ୍ଷାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ କାଉନସେଲର ଅନୁପ କୁମାର ଶ୍ରୀବାସ୍ତବ ପରିଚାଳନା କରିଥିଲେ। ଆତ୍ମ ନିର୍ଭର ଭାରତ ଓ ବିକଶିତ ଭାରତ ପାଇଁ ବିରଳ ଖଣିଜ ପଦାର୍ଥର ଗୁରୁତ୍ୱ ରହିଥିବା କଥା କହି ଭାରତର ରାଷ୍ଟ୍ରଦୂତଙ୍କୁ ଏହି ଟିମ୍ ନିଜ ଆସିବାର ଅଭିପ୍ରାୟ ଜଣାଇଥିଲେ।

# ଅଟୋ ଉପରେ ଗଛ ପଡ଼ି ଚାଲିଗଲା ୨ ଜୀବନ

**ବଲାଙ୍ଗୀର, ୨୫।୦୪:ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ପୁଇଁତଲା ବ୍ଲକ ଆଠଗାଁ ରାସ୍ତା କଂସାବାହାଲ ଛକ ନିକଟରେ ଶୁକ୍ରବାର ଏକ ଅଘଟଣ ଘଟିଛି। କାଳବୈଶାଖୀ ତାଣ୍ଡବରେ ଜୋରରେ ପବନ ବହି ଏକ ଗଛ ପଡ଼ି ୨ ଜଣଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ମୁତାବକ, ଜଣେ ଅଟୋଚାଳକ ବାଲଖମାରରୁ ଯାତ୍ରୀଙ୍କୁ ଧରି ବଲାଙ୍ଗୀର ଅଭିମୁଖେ ଆସୁଥିଲେ। ସେତିକିବେଳେ କାଳବୈଶାଖୀ ପ୍ରଭାବରେ ଜୋରରେ ପବନ ବହିବାରୁ ଏକ ଗଛ ଭାଙ୍ଗି ଅଟୋ ଉପରେ ପଡିଥିଲା। ଫଳରେ ଯାତ୍ରୀଙ୍କ ସହ ଅଟୋ ଡ୍ରାଇଭରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଖବର ପାଇଁ ପୁଇଁତଲା ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭୀମଭୋଇ ମେଡିକାଲକୁ ପଠାଇଥିଲେ। ମୃତ ଯାତ୍ରୀ ଜଣକ ତଣ୍ଡାମୁଣ୍ଡା ଗ୍ରାମର ବୋଲି ଜଣାପଡିଥିବା ବେଳେ ଡ୍ରାଇଭର ଜଣଙ୍କ ବାଲଖମର ଅଞ୍ଚଳର ବୋଲି ସୂଚନା ମିଳିଛି। ଏନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଗହୀରମଥା ଚଳଚଞ୍ଚଳ : ୮୨ ଲକ୍ଷ କଇଁଛ ଶାବକ ଅଣ୍ଡାରୁ ବାହାରି ହେଲେ ସମୁଦ୍ରମୁହାଁ



**ରାଜନଗର, ୨୫।୦୪:ନ୍ୟୁଜ୍‌ବ୍ୟୁରୋ**

ଦୀର୍ଘ ୫୦ ଦିନ ପରେ କଇଁଛଙ୍କ ଏନ୍ତୁଡ଼ିଶାଳ ଗହୀରମଥା ପୁଣି ଚଳଚଞ୍ଚଳ ହୋଇପଡ଼ିଛି। ଲକ୍ଷ ଲକ୍ଷ ମାଇ କଇଁଛ ଗହୀରମଥାର ଅଗରନାସୀ-୨ରେ ସମୂହ ଅଣ୍ଡାଦାନ କରିଥିଲେ। ଗତ ଦୁଇଦିନ ଭିତରେ ୮୨ ଲକ୍ଷ ଶାବକ ଅଣ୍ଡାରୁ ବାହାରି ଗଭୀର ସମୁଦ୍ର ଭିତରକୁ ଚାଲିଯାଇଛନ୍ତି। ଚଳିତବର୍ଷ ୫ ତାରିଖରୁ ଆରମ୍ଭ ହୋଇଥିବା ସମୂହ ଅଣ୍ଡାଦାନ ପ୍ରକ୍ରିୟାରେ ୫ ଲକ୍ଷ ୩ ହଜାର ୭୧୯ ମା' କଇଁଛ ଅଣ୍ଡା ଦେଇଥିଲେ। ଗହୀରମଥାର ଅଗରନାସୀ-୨ ସମେତ ସାତଭାୟା, ପେଣ୍ଠ ବେଳାଭୂମିରେ ସମୂହ ଅଣ୍ଡାଦାନ ପର୍ବ ଶେଷ କରିଥିଲେ। ଦୀର୍ଘ ୫୦ ଦିନ ଭିତରେ ପ୍ରକୃତିର ନିୟମ ଅନୁସାରେ ଅଣ୍ଡାଗୁଡ଼ିକରୁ ଶାବକ ଜନ୍ମ ନେଇ ସମୁଦ୍ରକୁ ଯିବା ସମୟର ଅପୂର୍ବ ଦୃଶ୍ୟ ବେଶ୍ ମନମୁଗ୍ଧକର। ଅଣ୍ଡାଗୁଡ଼ିକରୁ ଶାବକ ଜନ୍ମ ନେଇ ସମୁଦ୍ରକୁ ଯିବା ସମୟରେ କୁଆ, ବିଲୁଆ, ଛଞ୍ଚାଣ ପ୍ରଭୃତିଙ୍କ ଦାଉରୁ ଅଣ୍ଡାଗୁଡ଼ିକୁ ସୁରକ୍ଷା ଦେବା ପାଇଁ ବନବିଭାଗର କର୍ମଚାରୀମାନେ ସଜାଗ ରହିଛନ୍ତି। ଏହି ପ୍ରକ୍ରିୟା ଆଉ ଦୁଇ ୪ ଦିନ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ସୂଚନା ଦେଇଛନ୍ତି। ବିଗତ ବର୍ଷଗୁଡ଼ିକ ଅପେକ୍ଷା ଚଳିତବର୍ଷ ଅଧିକ ସଂଖ୍ୟକ କଇଁଛ ଶାବକ ଜନ୍ମ ହେବା ନେଇ ବନବିଭାଗ ଆଶା ରଖିଛି।


